ପ୍ୟାରିସ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନସିପ୍ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସଟଲର ଭଗିନୀ ଋତୁପର୍ଣ୍ଣା, ଶ୍ୱେତପର୍ଣ୍ଣା

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ମୂଲ୍ୟ ୦୦.୬୯ : ୮ଟି ପୃଷ୍ଠା

8 Pages, ₹ 2.00

ନିର୍ମାଣେ ବାଧକାରତ୍ୱେ ମା ଫଳେଷୁ କଦାଚନ

● ବର୍ଷ–୩୨ ● ସଂଖ୍ୟା–୨୦୧ ● ୧୯ ଅଗଷ୍ଟ ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-201 ● 19th August 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ବଡ଼ ସୂଚନା

ସେପ୍ଟେମ୍ବରରୁ ଓଡ଼ିଶାରେ ଏସଆଇଆର

ଭୁବନେଶ୍ୱର, ୧୮।୦୮

ନ୍ୟୁଜ୍‌ବ୍ୟୁରୋ

ଆସନ୍ତା ସେପ୍ଟେମ୍ବରରୁ ଓଡ଼ିଶାରେ ଆରମ୍ଭ ହେବ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସଆଇଆର) ପ୍ରକ୍ରିୟା। ସୋମବାର ରାଜ୍ୟ ନିର୍ବାଚନ ଅଧିକାରୀ ଆର. ଗୋପାଳନ ଏହି ସୂଚନା ଦେଇଛନ୍ତି। ଏଥି ସହ ଆସନ୍ତା ବର୍ଷ ଜାନୁଆରୀରେ ସଂଶୋଧିତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ସେ କହିଛନ୍ତି। ଏହି ସଂଶୋଧନ ପ୍ରାୟ ୨୪ ବର୍ଷ ପରେ ହେବାକୁ ଯାଉଛି। ଶେଷଥର ପାଇଁ ୨୦୦୨ ମସିହାରେ ଭୋଟର ତାଲିକା ସଂଶୋଧନ କରାଯାଇଥିଲା।

ସେହିଭଳି ରାଜ୍ୟ ନିର୍ବାଚନ ଅଧିକାରୀ ବିରୋଧୀ ଦଳ ପକ୍ଷରୁ ଭୋଟ ଚୋରି ଏବଂ ଏପିକ୍ ନମ୍ବରକୁ ନେଇ ଆସିଥିବା ଅଭିଯୋଗ ଉପରେ ସ୍ପଷ୍ଟୀକରଣ ରଖିଛନ୍ତି। ଭୋଟ ଚୋରି କଥାକୁ ରାଜ୍ୟ ନିର୍ବାଚନ ଅଧିକାରୀ ଖଣ୍ଡନ କରିଛନ୍ତି।

ଏହା ସହ ଏପିକ୍ ନମ୍ବର ସଂକ୍ରାନ୍ତରେ ହୋଇଥିବା ଅଭିଯୋଗକୁ ନେଇ ସେ

କହିଛନ୍ତି, ଓଡ଼ିଶାର ୭ ହଜାର ଏପିକ ନମ୍ବର ଥିବା ଭୋଟର କାର୍ଡକୁ ପରିବର୍ତ୍ତନ କରି ନୂଆ ଭୋଟର କାର୍ଡ ଦିଆଯାଇଛି। ଏଥିରୁ କେବଳ ୫ ହଜାର ଏପିକ ନମ୍ବର ବାଙ୍ଗୀରେ ଥିଲା। ଯାହା ଗୁଜରାଟର ଭୋଟରଙ୍କ ସହିତ ମିଶୁଥିଲା। ଏଥିପାଇଁ ଏହାକୁ ବଦଳାଇ ନୂଆ କାର୍ଡ ଦିଆଯାଇଛି। ବାକି ୨ ହଜାର ଏପିକ ନମ୍ବର କର୍ଣ୍ଣାଟକ, ଝାଡ଼ଖଣ୍ଡ ପଶ୍ଚିମବଙ୍ଗ ସହିତ ମିଶୁଥିଲା। ଏହି ଏପିକ ନମ୍ବର କେବଳ ଭୋଟ ପରିଚୟ ପତ୍ର ଚିହ୍ନଟ ପାଇଁ ଦିଆଯାଇଛି। ଏହି ଏପିକ ନମ୍ବରରେ କେହି ଭୋଟ ଦେଇପାରିବେ ନାହିଁ। ବର୍ତ୍ତମାନ ସ୍ୱତନ୍ତ୍ର ଏପିକ ନମ୍ବର ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରଦାନ କରାଯିବ।

ସେହିଭଳି ବିଧାନସଭା ଓ ଲୋକସଭା ଭୋଟିଂରେ ବ୍ୟବଧାନକୁ ନେଇ ବିଜେଡି ଆଣିଥିବା ଅଭିଯୋଗର ଜବାବ ରଖିଛନ୍ତି ନିର୍ବାଚନ ଅଧିକାରୀ। ସେ କହିଛନ୍ତି ବିଧାୟକଙ୍କୁ ଭୋଟ ଦେଇଥିବା ଭୋଟର ସାଂସଦଙ୍କୁ ଭୋଟ ଦେଇନାହାନ୍ତି। ଯେଉଁଥିପାଇଁ ଲୋକସଭା ଏବଂ ବିଧାନସଭା ଭୋଟିଂରେ ତାରତମ୍ୟ ଦେଖିବାକୁ ମିଳିଛି।

ଆହୁରି ମଧ୍ୟ ଭୋଟ ଗ୍ରହଣ ସରିବା ପରେ ବିଳମ୍ବିତ ରାତିରେ ଦିଆଯାଉଥିବା ଭୋଟ ହାର ଏବଂ ଭୋଟ ଗ୍ରହଣ ପର ଦିନ ଦିଆଯାଉଥିବା ଭୋଟ ହାରରେ ଥିବା ତଫାତକୁ ନେଇ ନିର୍ବାଚନ ଅଧିକାରୀ କହିଛନ୍ତି। ସେ କହିଛନ୍ତି ଭୋଟ ଗ୍ରହଣ ଦିନ ଘଣ୍ଟାକୁ ଘଣ୍ଟା ଯେଉଁ ଭୋଟ ହାର ପ୍ରଦାନ କରାଯାଏ ତାହା ସମ୍ଭାବ୍ୟ ଭୋଟ ହାର ଦିଆଯାଏ। ତାହା ଫୋନ ମାଧ୍ୟମରେ ସଂଗ୍ରହ କରାଯାଇ ଦିଆଯାଇଥାଏ। ଭୋଟ ଗ୍ରହଣ ପର ଦିନ ଯେଉଁ ଭୋଟ ହାର ପ୍ରଦାନ ତାହା ସଠିକ ଭୋଟ ହାର। ସୂଚନାଥାଉକି, ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସଆଇଆର) ପ୍ରକ୍ରିୟାରେ ପ୍ରାୟ ୬୫ ଲକ୍ଷ ଭୋଟରଙ୍କ ନାଁକୁ ବାଦ୍ ଦିଆଯାଇଛି। ଏହାକୁ ନେଇ ଦେଶରେ *(ପୃଷ୍ଠା ୭ରେ)*

ସୁସ୍ଥ ହେଉଛନ୍ତି ନବୀନ କ୍ୟାବିନ୍‌କୁ ସ୍ଥାନାନ୍ତର ହେଲେ

ଭୁବନେଶ୍ୱର, ୧୮।୦୮

ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୁସ୍ଥ ହେଉଛନ୍ତି। ତାଙ୍କୁ ସୋମବାର ଅପରାହ୍ନରେ ସମ୍ ଅଲ୍‌ମେଟ ମେଡି-କେୟାରର ଅବଜରଭେସନ୍ ରୁମ୍‌ରୁ କ୍ୟାବିନ୍‌କୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହେଉଛି ଏବଂ ତାଙ୍କ ଅବସ୍ଥା ସ୍ଥିର ରହିଥିବା ସମ୍ମମ ପକ୍ଷରୁ ଏକ ମେଡିକାଲ୍ ବୁଲେଟିନ୍‌ରେ କୁହାଯାଇଛି।

ଗତ ରବିବାର ଅପରାହ୍ନରେ ଡିହାଇ-ଡ୍ରେସନ୍ ଯୋଗୁଁ ଶ୍ରୀ ପଟ୍ଟନାୟକଙ୍କୁ ଚିକିତ୍ସା ପାଇଁ ସମ୍ମମରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଙ୍କ ଚିକିତ୍ସା ପରେ ଏବେ ସେ ସତେଜ ଅନୁଭବ କରୁଛନ୍ତି ଏବଂ ତାଙ୍କ ଚିକିତ୍ସା ଜାରି ରହିଛି ବୋଲି ସମ୍ମମ୍ ବୁଲେଟିନ୍‌ରେ କୁହାଯାଇଛି। ଡାକ୍ତରଖାନା ବେଡ୍‌ରୁ ଶ୍ରୀ ପଟ୍ଟନାୟକ ତାଙ୍କର ସୁସ୍ଥତା ନେଇ ଭିଡିଓ ବାର୍ତ୍ତା ଜାରି କରିଛନ୍ତି ଏବଂ ଓଡ଼ିଶାବାସୀ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିବାରୁ ସେ ସେଥିପାଇଁ ଶୁଭେଚ୍ଛା ଓ ଧନ୍ୟବାଦ ଜଣାଇଛନ୍ତି।

ଓଡ଼ିଶାରେ ପ୍ରତିଷ୍ଠା ହେବ ମେଗା ଷ୍ଟିଲ୍ ପ୍ଲାଣ୍ଟ୍

ଜେଏସ୍‌ଡବ୍ଲୁ-ପୋସ୍କୋ ମଧ୍ୟରେ ଚୁକ୍ତି

ଭୁବନେଶ୍ୱର, ୧୮।୦୮

ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶାରେ ବାର୍ଷିକ ୬ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏକ ଇଣ୍ଟିଗ୍ରେଟେଡ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଜେଏସଡବ୍ଲୁ ଷ୍ଟିଲ ଲିମିଟେଡ୍ ଓ ଦକ୍ଷିଣ କୋରିଆର ପୋସ୍କୋ ଗ୍ରୁପ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ମୁମ୍ବାଇରେ ସ୍ୱାକ୍ଷରିତ ହୋଇଥିବା ଏହି ଚୁକ୍ତି ଅନୁସାରେ ଉଭୟ କମ୍ପାନୀ ୫୦:୫୦ ଯୁଗ୍ମ ଉଦ୍ୟୋଗରେ ଏହି ପ୍ଲାଣ୍ଟ ପ୍ରତିଷ୍ଠା କରିବେ ଯାହା ୨୦୨୪ ଅକ୍ଟୋବରରେ ସ୍ୱାକ୍ଷରିତ ଏକ ସ୍ମାରକପତ୍ର (ଏମଓୟୁ)କୁ ଅନୁସରଣ କରେ।

ଉଭୟ କମ୍ପାନୀ ଏବେ ପ୍ଲାଣ୍ଟର ଅବସ୍ଥାନ, ନିବେଶ ସର୍ତ୍ତ, ସମ୍ବଳ ଉପଲବ୍ଧତା ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ନିର୍ଦ୍ଧାରଣ ପାଇଁ ଏକ ବିସ୍ତୃତ ସମ୍ଭାବ୍ୟତା ଅଧ୍ୟୟନ (ଫିଜିବିଲିଟି ରିପୋର୍ଟ) ପ୍ରସ୍ତୁତ କରିବେ। ଓଡ଼ିଶାର ପ୍ରାକୃତିକ ସମ୍ବଳ ଓ ଲଜିଷ୍ଟିକ ସୁବିଧା ହେତୁ ଏହା ମୁଖ୍ୟ ଅବସ୍ଥାନ ଭାବେ ବିବେଚିତ ହେଉଛି।

ଜେଏସଡବ୍ଲୁ ଷ୍ଟିଲର ସିଇଓ ଜୟନ୍ତ ଆଚାର୍ଯ୍ୟ କହିଛନ୍ତି, "ଏହି ଭାଗିଦାରୀ ଜେଏସଡବ୍ଲୁର ପ୍ରମାଣିତ କାର୍ଯ୍ୟକାରିତା ଓ ଦେଶୀୟ ଉପସ୍ଥିତିକୁ ପୋସ୍କୋର ଷ୍ଟିଲ ନିର୍ମାଣରେ ପ୍ରଯୁକ୍ତିଗତ *(ପୃଷ୍ଠା ୭ରେ)*

ନଭେମ୍ବରରୁ ପିଏମ୍ ଆବାସ ଯୋଜନା ବଣ୍ଟନ ପ୍ରକ୍ରିୟା

ନୂଆଦିଲ୍ଲୀ, ୧୮।୦୮

ଆସନ୍ତା ନଭେମ୍ବର ମାସରୁ ପିଏମ୍ ଆବାସ ଯୋଜନାରେ ଘର ବଣ୍ଟନ ପ୍ରକ୍ରିୟା ଆରମ୍ଭ କରାଯିବ। ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି *(ପୃଷ୍ଠା ୭ରେ)*

ଆଜିର ମୁଖ୍ୟ ଖବର

- ପ୍ରବଳ ବର୍ଷା ନେଇ ଗଜପତି ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କତା।
- ଅପରେସନ୍ ସିନ୍ଦୂର ଦେଖାଇ ଦେଲା କେହି ଭାରତ ସହିତ ଅଛନ୍ତି - ପୂର୍ବତନ ରକ୍ଷା ମନ୍ତ୍ରଣାଳୟ ପରାମର୍ଶଦାତା।
- ମାଲକାନାଗିରି ବିମାନବନ୍ଦରର ପ୍ରାଚୀର ପୁଣିଥରେ ଭାଙ୍ଗିଗଲା, କାମର ଗୁଣବତ୍ତା ଉପରେ ପ୍ରଶ୍ନ।
- ବଲାଙ୍ଗୀର ପୁଲିସ୍ ଦ୍ୱାରା ଗଞ୍ଜେଇ ଓ କଫ୍ ସିରଫ ଜବତ, ୧୨ ଚାଲାଣକାରୀ ଗିରଫ।
- ଏମ.କେ.ସି.ଜି ମେଡିକାଲ କଲେଜର ବାୟୋକେମେଷ୍ଟ୍ରି ଲ୍ୟାବ୍‌ରେ ଅଗ୍ନିକାଣ୍ଡ।
- ବେଙ୍ଗାଲୁରୁ ବିମାନବନ୍ଦରରୁ ଉଦ୍ଧାର ହୋଇଥିବା ଓଡ଼ିଶାର ସଫ୍ଟୱେର ଇଂଜିନିୟରଙ୍କ ଶବ ପରିବାରକୁ ହସ୍ତାନ୍ତର।
- ୨୦୨୫-୨୬ ଖରିଫ୍ ଋତୁ ପାଇଁ ଧାନ କ୍ରୟରେ କୃଷକ ମାନଙ୍କ ନିମନ୍ତେ ସହଜ ଅନଲାଇନ ନିବନ୍ଧନ ପ୍ରକ୍ରିୟା ଆରମ୍ଭ । ସମୟସୀମା ୩୦ ଅଗଷ୍ଟରେ ସମାପ୍ତ ।

ଖୁବ୍ ଶୀଘ୍ର ନିଯୁକ୍ତ ହେବେ ୧୮୪୦ ଡାକ୍ତର

ଭୁବନେଶ୍ୱର, ୧୮।୦୮

ନ୍ୟୁଜ୍‌ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ଠାରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ବିଷୟରେ ଆଲୋଚନା କରି ରାଜ୍ୟରେ ଖାଲି ପଡ଼ିଥିବା ବିଭିନ୍ନ ଡାକ୍ତର ପଦବୀ ଓ ପ୍ରଫେସର ପଦବୀ ପୂରଣ ଉପରେ ଗୁରୁତ୍ୱାରୋପ କରିଥିଲେ।

ବୈଠକର ଆଲୋଚନାରୁ ଜଣା ଯାଇଛିଯେ, ଖୁବ ଶୀଘ୍ର ରାଜ୍ୟରେ ୧୮୪୦ ଡାକ୍ତର ତଥା ମେଡିକାଲ ଅଫିସର ନିଯୁକ୍ତି ପାଇବେ ଏବଂ ଆହୁରି ୫୦୦୦ରୁ ଉର୍ଦ୍ଧ୍ୱ ପାରାମେଡିକାଲ ଷ୍ଟାଫ ମଧ୍ୟ *(ପୃଷ୍ଠା ୭ରେ)*

ଟ୍ରମ୍ପଙ୍କ ସହ ମିଟିଂ ସମ୍ପର୍କରେ ମୋଦିଙ୍କୁ ଜଣାଇଲେ ପୁଟିନ୍

ଭୁବନେଶ୍ୱର, ୧୮।୦୮

ନ୍ୟୁଜ୍‌ବ୍ୟୁରୋ

ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ସୋମବାର ଫୋନ ଯୋଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଥା ହୋଇଛନ୍ତି। ନିକଟରେ ପୁଟିନ ଆଲାସ୍କାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ରୁଦ୍ଧଦ୍ୱାର ବୈଠକ କରିଥିଲେ। ଏ ସମ୍ପର୍କରେ ବିସ୍ତୃତ ତଥ୍ୟ ପୁଟିନ ଫୋନ ଯୋଗେ ମୋଦୀଙ୍କୁ ଅବଗତ କରାଇଛନ୍ତି। ବୈଠକର ଭିତିରି କଥା ପୁଟିନ ଜଣାଇଥିବାରୁ ମୋଦୀ ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ନିଜେ ପ୍ରଧାନମନ୍ତ୍ରୀ ମୋଦି ଏବିଷୟରେ ଏକ୍ସ ଯୋଗେ ସମସ୍ତଙ୍କୁ ଜଣାଇଛନ୍ତି।

ସେ କହିଛନ୍ତି, "ଫୋନ କଲ ପାଇଁ ମୋ ବନ୍ଧୁ ରାଷ୍ଟ୍ରପତି ପୁଟିନଙ୍କୁ ଧନ୍ୟବାଦ।

ଆଲାସ୍କାରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ହୋଇଥିବା ବୈଠକର ବିଷୟବସ୍ତୁ ସମ୍ପର୍କରେ ସେ ମୋତେ ଅବଗତ କରାଇଛନ୍ତି। ଭାରତ ନିୟମିତ ଭାବେ ୟୁକ୍ରେନ ବିବାଦରେ ଶାନ୍ତିପୂର୍ଣ୍ଣ ସଂକଳ୍ପ କଥା କହି ଆସୁଛି ଓ ଏ ଦିଗରେ ସବୁ ପ୍ରକାରର ଉଦ୍ୟମକୁ ସମର୍ଥନ କରୁଛି। ଆଗାମୀ ଦିନରେ ମୁଁ ଆମ ଭିତରେ ସମସ୍ତ ଆଦାନ ପ୍ରଦାନର ଆଶା କରୁଛି।" *(ପୃଷ୍ଠା ୭ରେ)*

ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଏନ୍‌ଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ

ନୂଆଦିଲ୍ଲୀ, ୧୮।୦୮

ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଦିଲ୍ଲୀରେ ସାକ୍ଷାତ କଲେ ଏନଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ। ସୋମବାର ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବା ପରେ ସିପି ରାଧାକ୍ରିଷ୍ଣନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସେଠାରେ କେନ୍ଦ୍ରମନ୍ତ୍ରୀ କିରେନ ରିଜିଜୁ, ଭୂପେନ୍ଦ୍ର ଯାଦବ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ବିଜେପି ସଂସଦୀୟ ବୋର୍ଡର ବୈଠକ ପରେ, ତାଙ୍କୁ ଗତ ରବିବାର ଏନଡିଏ ଦ୍ୱାରା ଉପରାଷ୍ଟ୍ରପତି ପ୍ରାର୍ଥୀ କରାଯାଇଥିଲା। ପ୍ରଧାନମନ୍ତ୍ରୀ ମୋଦୀ ଟ୍ୱିଟରରେ ପୋଷ୍ଟ କରି କହିଛନ୍ତି, 'ସିପି ରାଧାକ୍ରିଷ୍ଣନ ଜୀଙ୍କୁ ଭେଟିଲି। ଏନଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ ହେବା ପାଇଁ ତାଙ୍କୁ ଅଭିନନ୍ଦନ। ତାଙ୍କର ଦୀର୍ଘ ଜନସେବା ଏବଂ ବିଭିନ୍ନ କ୍ଷେତ୍ରରେ ଅଭିଜ୍ଞତା *(ପୃଷ୍ଠା ୭ରେ)*

ସମ୍ବଲପୁରରେ ହେବ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୧୮।୦୮

ନ୍ୟୁଜ୍‌ବ୍ୟୁରୋ

ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ କୃଷି ବିଶ୍ୱ ବିଦ୍ୟାଳୟ ପ୍ରସ୍ତାବ ସମ୍ବନ୍ଧୀୟ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର କୃଷି ବିଶ୍ୱ ବିଦ୍ୟାଳୟ ଅଧିନିୟମ, ୧୯୯୨ ଅନୁଯାୟୀ ସମ୍ବଲପୁରରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ଖୋଲିବା ପାଇଁ ପ୍ରସ୍ତାବ ଉପରେ ବୈଠକରେ ଆଲୋଚନା କରା ଯାଇଛି। କୃଷି ଓ ଆନୁଷଙ୍ଗିକ ବିଜ୍ଞାନରେ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ସ୍ନାତକ ଓ ସ୍ନାତକୋତ୍ତର ସୃଷ୍ଟି କରିବା ଏବଂ ଏହି କ୍ଷେତ୍ରରେ ଉତ୍ପାଦ ବୃଦ୍ଧି ଓ ଲାଭଦାୟକ କୃଷି ପ୍ରଣାଳୀ ବିକଶିତ କରିବାରେ ସହାୟକ ହେବ।

ଏହି ପ୍ରସ୍ତାବିତ କେନ୍ଦ୍ରୀୟ କୃଷି ବିଶ୍ୱ ବିଦ୍ୟାଳୟ ଓଡ଼ିଶା ପାଇଁ ଏକ ପରିବର୍ତ୍ତନକାରୀ

ହେବ। କୃଷି ଗବେଷଣାକୁ ଆଗକୁ ବଢାଇବ, ଚାଷୀମାନଙ୍କୁ ସଶକ୍ତ କରିବ ଏବଂ ସ୍ଥାୟୀ କୃଷି ପଦ୍ଧତିରେ ନବସୃଜନକୁ ପ୍ରୋତ୍ସାହିତ କରିବ ବୋଲି ଉପମୁଖ୍ୟମନ୍ତ୍ରୀ *(ପୃଷ୍ଠା ୭ରେ)*

ବରଗଡ଼ରେ ବିଜେଡିର ବିରାଟ ଚାଷୀ ମହାସମାବେଶ

ବରଗଡ଼, ୧୮।୦୮

ନ୍ୟୁଜ୍‌ବ୍ୟୁରୋ

ବିଜେଡିର ବିରାଟ ଚାଷୀ ମହା-ସମାବେଶ ବରଗଡ଼ରେ ଅନୁଷ୍ଠିତ ହୋଇ ଯାଇଛି। ସୋମବାର ଦିବା ୧୧ ଘଣ୍ଟା ସମୟରେ ବରଗଡ଼ ସହରର ଗଣେଶରାମ ଭବନ ଠାରୁ ଏକ ବିରାଟ ରାଲି ବାହାରି ରାଜ ରାସ୍ତାକୁ ଓହ୍ଲାଇଥିଲା ବିଜେଡି। ବରଗଡ଼ ସମେତ ଆଖପାଖ ଜିଲ୍ଲାର ହଜାର ହଜାର ଚାଷୀ ଏବଂ ଦଳୀୟ କାର୍ଯ୍ୟକର୍ତ୍ତା ଏଥିରେ ସାମିଲ ହୋଇଥିଲେ। ସ୍ଥାନୀୟ ଗଣେଶରାମ ଭବନ ସମ୍ମୁଖରେ ସମସ୍ତେ ସମବେତ ହୋଇ ବିକ୍ଷୋଭ ଶୋଭାଯାତ୍ରାରେ ବାହାରିଥିଲେ।

ଏହି ବିକ୍ଷୋଭ ଶୋଭାଯାତ୍ରାରେ ବିରୋଧୀ

ଦଳ ଉପନେତା ତଥା ବିଜୁ କୃଷକ ସାଙ୍ଗୁଖ୍ୟର ରାଜ୍ୟ ସଭାପତି ପ୍ରସନ୍ନ ଆଚାର୍ଯ୍ୟଙ୍କ ସମେତ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ରୀତା ସାହୁ, ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ବରଗଡ଼ ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ର, ବରଗଡ଼ ବ୍ଲକ ସଭାପତି ପ୍ରଫୁଲ୍ଲ ନାଏକ, ଭେଡେନ ବ୍ଲକ ସଭାପତି ହରିଶଙ୍କର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ ।

ଚାଷୀ ପଞ୍ଜୀକରଣ ପ୍ରକ୍ରିୟାକୁ ପୂର୍ବାପେକ୍ଷା ଅଧିକ ଜଟିଳ କରାଯିବା, ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲୁଥିବା *(ପୃଷ୍ଠା ୭ରେ)*

ଏକାଳ ପଖାଳ

ଖୁବ୍ ଜଲଦି ସଂଶୋଧନ ହେବ
ଭୋଟର ତାଲିକା ଯେତେ
ଏ କଥା ବୋଧେ ହଜମ ନ ହୋଇ
ଅନିଦ୍ରାରେ ରାତି ବିତେ
ଭୂକମ୍ପ ନ ହେଉ ଗାତେ
ସେ ପାଇଁ ବିଭାଗ ନିଶ୍ଚୟ କରଇ
ବୁଝାବୁଝି କରି କେତେ ! !

ଖୁବ୍‌ଶୀଘ୍ର ସନ୍ତାନ ଜନ୍ମ ଦେବ ରୋବୋଟ୍ !

ନୂଆଦିଲ୍ଲୀ, ୧୮।୦୮

ଖୁବ୍ ଶୀଘ୍ର ସନ୍ତାନ ଜନ୍ମ ଦେବ ରୋବଟ୍। ପ୍ରଯୁକ୍ତିବିଦ୍ୟାର ଏହି ଯୁଗରେ ସବୁକିଛି ସମ୍ଭବ। ଚୀନର ବୈଜ୍ଞାନିକମାନେ ଏଭଳି ଏକ ରୋବୋଟ୍ ନିର୍ମାଣ ଦିଗରେ କାର୍ଯ୍ୟ କରୁଛନ୍ତି। ଏହି ରୋବୋଟ୍ ଗର୍ଭଧାରଣ କରିପାରିବ। ଏହାର ପ୍ରଥମ ପୋଟୋଟାଇପ୍ ୨୦୨୬ରେ ଲଞ୍ଚ କରାଯିବ। ଭ୍ରୁଣକୁ କୃତ୍ରିମ ଗର୍ଭାଶୟରେ ରଖାଯିବ। ଏକ ପାଇପ ଜରିଆରେ ଭ୍ରୁଣଟି ଆବଶ୍ୟକ ପୋଷକ ତତ୍ତ୍ୱ ଗ୍ରହଣ କରିବ। ଏହି ପ୍ରକ୍ରିୟା ଗର୍ଭଧାରଣଠାରୁ ଆରମ୍ଭ କରି ସନ୍ତାନ ଜନ୍ମ ପର୍ଯ୍ୟନ୍ତ ଜାରି ରହିବ। ତେବେ ଡିମ୍ବାଣୁ ଏବଂ ଶୁକ୍ରାଣୁ ମଧ୍ୟରେ ପ୍ରଜନନ ପ୍ରକ୍ରିୟା କିପରି ହେବ ତାହା ଏଯାଏ ଜଣାପଡ଼ିନାହିଁ।

ବୈଜ୍ଞାନିକମାନଙ୍କ କହିବା ଅନୁସାରେ, ଯେଉଁ ଦମ୍ପତି କୌଣସି କାରଣରୁ ସନ୍ତାନ ଲାଭ କରିପାରୁ ନାହାନ୍ତି ସେମାନଙ୍କ ପାଇଁ ଏହା ଲାଭବାନ ହେବ। ସେହିପରି ଯେଉଁ ମହିଳା ମାତୃତ୍ୱ ଲାଭ କରିପାରୁ ନାହାନ୍ତି ବା ପ୍ରାକୃତିକ ଉପାୟରେ ଗର୍ଭଧାରଣ କରିବାକୁ ଚାହୁଁନାହାନ୍ତି ତାଙ୍କ ପାଇଁ ବି ଏହା ବେଶ୍ ଉପଯୋଗୀ ହେବ।

ଏହି ରୋବୋଟ୍ ନିର୍ମାଣ ପ୍ରୋଜେକ୍ଟ ଉପରେ ଗୁଆଙ୍ଗଝୌର କାଇଓ୍ୱା ଟେକ୍ନୋଲୋଜି କାମ କରୁଛି। ଡା. ଝାଙ୍ଗ କ୍ୟୁଫେଙ୍ଗଙ୍କ ନେତୃତ୍ୱରେ ଏକ ଟିମ୍

31 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୧୯ ଅଗଷ୍ଟ, ମଙ୍ଗଳବାର ୨୦୨୫

ମଦ ଚାଲାଣ ବେଳେ ଚଢ଼ଉ : ୪ ଗିରଫ

ଜୟପୁର, ନ୍ୟୁଜ୍‌ବ୍ୟୁରୋ

ଦେଶୀ ମଦ ଚାଲାଣ ହେଉଥିବା ସୂଚନା ପାଇ ଜୟପୁର ଅବକାରୀ ଥାନା ଓ ସେଟଲାଇଟ ୟୁନିଟ ମିଳିତ ଚଢାଉ କରି ୪ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଓସିସି କୋଲନିର ହେମନ୍ତ ଖରା, ମୁଣ୍ଡିଗୁଡ଼ାର ସୀତା ମଣି ବିଷୋୟୀ, ଜୟପୁର ବେଲ ରୋଡର ସାହୁ କାର ଭାନୁମତି, ମୁଣ୍ଡିଗୁଡ଼ା ପିଲିବି କୋଲନି ନାରାୟଣ ବାହାଦୁର। ୪ ଅଭିଯୁକ୍ତକୁ ଗିରଫ କରି ୫୫ ଲିଟର ଦେଶି ମଦ, ଭାଟି ମଦ ୮.୪ ଲିଟର ଓ ବିଦେଶି ମଦ ୯ ଲିଟର ଜବତ କରିଛି । ଗିରଫ ଅଭିଯୁକ୍ତ ମାନଙ୍କୁ ସନ୍ଧ୍ୟା ୫ଟାରେ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରୀ ଥାନା ଓଆଇସି ସୁବ୍ରତ କେଶରି ହରିନ ସୂଚନା ଦେଇଛନ୍ତି ।

ମହିଳା ଯାତ୍ରୀଙ୍କ ବିଶ୍ୱାସ ଜିତୁଛି ଓଡ଼ିଶା ଯାତ୍ରୀ ଆପ୍

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶା ଯାତ୍ରୀ ଗମନାଗମନ ବ୍ୟବସ୍ଥା ଉପରେ ଦିନକୁ ଦିନ ଅଧିକରୁ ଅଧିକ ମହିଳା ଯାତ୍ରୀ ଭରସା କରୁଥିବା ଏକ ପରିସଂଖ୍ୟାନରୁ ଜଣାପଡିଛି । ଓଡ଼ିଶା ଯାତ୍ରୀ ଆପର ପ୍ଲାଟଫର୍ମରୁ ମିଳିଥିବା ତଥ୍ୟ ଅନୁଯାୟୀ ୫୭.୪୪ ପ୍ରତିଶତରୁ ଅଧିକ ମହିଳା ଏହାର ବ୍ୟବହାର କରିଛନ୍ତି । ୨୦୨୪ ଅକ୍ଟୋବରରୁ ୨୦୨୫ ଜୁଲାଇ ଅର୍ଥାତ ଗତ ୧୦ ମାସ ମଧ୍ୟରେ ମଧ୍ୟରେ 'ଓଡ଼ିଶା ଯାତ୍ରୀ' ବ୍ୟବସ୍ଥା ବ୍ୟବହାର କରିଥିବା ମୋଟ ୨ ଲକ୍ଷ ୫୭ ହଜାର ଯାତ୍ରୀଙ୍କ ମଧ୍ୟରୁ ୧ ଲକ୍ଷ ୪୮ ହଜାରରୁ ଅଧିକ ମହିଳା ଉପଭୋକ୍ତା ଅଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫ ଜାନୁଆରୀରେ ଓଡ଼ିଶା ଯାତ୍ରୀ ଆପ୍'ର ଶୁଭାରମ୍ଭ କରିଥିଲେ। ୨୦୨୪ ଅକ୍ଟୋବରରେ ଏହାକୁ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇଥିଲା। ସୂଚନା ମୁତାବକ, ଗତ ଜାନୁଆରୀରେ ୬୧.୬୩% ଏବଂ ଜୁଲାଇରେ ୫୫.୩୩% ମହିଳା ଏହାର ବ୍ୟବହାର କରିଥିଲେ, ଯାହା ପୁରୁଷ ଯାତ୍ରୀଙ୍କଠାରୁ ଅଧିକ। ପରିବହନ ଅଧିକାରୀ ଏହି ପରିବର୍ତ୍ତନକୁ ଯାଞ୍ଚ କରାଯାଇଥିବା ଡ୍ରାଇଭର, ରିଅଲ୍-ଟାଇମ୍ ଟ୍ରିପ୍ ଟ୍ରାକିଂ, ଶେଷ ମାଇଲ୍ ସଂଯୋଗୀକରଣ ଏବଂ ଏକ ଦୃଢ଼ ଅଭିଯୋଗ ସମାଧାନ ବ୍ୟବସ୍ଥା ସମେତ ଅନେକ କାରଣ ଯୋଗୁଁ ସମ୍ଭବ ହୋଇଥିବା କହିଛନ୍ତି। ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ କହିଛନ୍ତି, ପ୍ରବର୍ତ୍ତନ ଏବଂ ପରିବହନ କର୍ତ୍ତୃପକ୍ଷଙ୍କ ସହିତ ଓଡ଼ିଶା ଯାତ୍ରୀ ଆପର ସମନ୍ୱୟ ମହିଳା ଏବଂ ଅନ୍ୟାନ୍ୟ ଦୁର୍ବଳ ଗୋଷ୍ଠୀଙ୍କ ପାଇଁ ଏକ ସୁରକ୍ଷିତ ଏବଂ ଦାୟିତ୍ୱପୂର୍ଣ୍ଣ ଯାତାୟାତ ଅଭିଜ୍ଞତା ସୃଷ୍ଟି କରିଛି। ଓଡ଼ିଶା ଯାତ୍ରୀ, ରାଜ୍ୟ ପରିବହନ ପ୍ରାଧିକରଣ, ଓଡ଼ିଶା ସହିତ ମିଳିତ ଭାବରେ ୩୦ ହଜାରରୁ ଅଧିକ ତୀର୍ଥଯାତ୍ରୀଙ୍କୁ ମାଗଣା ଅଟୋ ଯାତ୍ରା ପ୍ରଦାନ କରିଛି। ରାଜ୍ୟ ସାରା ଅଧିକ ସହରକୁ ଓଡ଼ିଶା ଯାତ୍ରୀକୁ ବିସ୍ତାର କରିବା ଏବଂ ପ୍ଲାଟଫର୍ମ ଅଧୀନରେ ଆମ୍ବୁଲାନ୍ସ ଏବଂ ଡଙ୍ଗା ସେବା ପ୍ରଚଳନ କରିବା ପାଇଁ ଯୋଜନା ଚାଲିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

ଅନ୍ଧାରରେ ନୂତନ ବୁଢ଼ାବଳଙ୍ଗ ନଦୀ ପୋଲ
ବିପଦପୂର୍ଣ୍ଣ ଗାଡ଼ିମୋଟର ଚଳାଚଳ ସହ ଉପୁଜୁଛି ଟ୍ରାଫିକ୍ ସମସ୍ୟା

ବାରିପଦା, ନ୍ୟୁଜ୍‌ବ୍ୟୁରୋ

ପୋଡ଼ାଅଷିଆ ଠାରେ ବୁଢାବଳଙ୍ଗ ନଦୀ ଉପରେ ନିର୍ମିତ ହାଇଲେଭଲ ବ୍ରିଜ୍‌ରେ ଗତ ଅକ୍ଟୋବର ମାସରୁ ଗାଡ଼ି ଚଳାଚଳ ଆରମ୍ଭ ହୋଇଛି । କିନ୍ତୁ ଆଲୋକୀକରଣ ବ୍ୟବସ୍ଥା ଅଭାବରୁ ସନ୍ଧ୍ୟା ହେଲେ ଅନ୍ଧାରର ରାଜୁତି ଚାଲୁଛି । ଏହି ଅନ୍ଧାର ସୁଯୋଗ ଅସମାଜିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରୁଛି । ଏହାସହିତ ବିପଦପୂର୍ଣ୍ଣ ଭାବେ ଗାଡ଼ିମୋଟର ଚଳାଚଳ ସହ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି । ଏହାର ସମାଧାନ କରିବା ପାଇଁ ସୋମବାର ୱାର୍ଡ଼ ମେମ୍ବର ଚନ୍ଦନ ସିଂ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ବାରିପଦା-ଉଦଳା ୧୯ ନମ୍ବର ରାଜ୍ୟ ରାଜପଥର ପୋଡ଼ା ଅଷିଆ ଠାରେ ବୁଢାବଳଙ୍ଗ ନଦୀ ଉପରେ ରାଜରାଜୁଡ଼ା ଅମଳରେ ନିର୍ମିତ ପୁରୁଣା ଅଣଓସାରିଆ ବ୍ରିଜ୍ ଦେଇ ଚଳାଚଳ କରିବାରେ ଅନେକ ଅସୁବିଧା ହେଉଥିଲା । ତାହା ବିପଦପୂର୍ଣ୍ଣ ଥିବାରୁ ପୂର୍ତ୍ତ ବିଭାଗ ଦ୍ୱାରା ୨୯୨ ମିଟରର ଉଚ୍ଚ ସେତୁ ୨୭ କୋଟି ୨୯ ଲକ୍ଷ ୮୦ ହଜାର ୨୦୮ ଟଙ୍କାରେ ନିର୍ମାଣ ହୋଇଛି । ବାରିପଦାରୁ ଉଦଳାକୁ ଗମନାଗମନ ପାଇଁ ଏହା ମୁଖ୍ୟ ମାଧ୍ୟମ ଥିବାରୁ ଦିନ ରାତି ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଗାଡ଼ି ମୋଟର ଚଳାଚଳ କରିଥାନ୍ତି । ପୋଲରେ ଗାଡ଼ି ଚାଳଚଳ ଆରମ୍ଭ ହୋଇଥିବା ବେଳେ ଷ୍ଟ୍ରିଟ ଲାଇଟର ବ୍ୟବସ୍ଥା କରାଯାଇନାହିଁ । ଯାହା ଫଳରେ ମଧୁବନ ଛକ ଠାରୁ ବିର୍ସା ମୁଣ୍ଡା ଛକ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଅନ୍ଧାର ରହୁଛି । ପୋଲର ଉଭୟ ପାର୍ଶ୍ୱରେ ଜନବସତି, ବଜାର, ଶିକ୍ଷାନୁଷ୍ଠାନ ସମେତ ଶିମିଳିପାଳ ଜାତୀୟ ଉଦ୍ୟାନକୁ ଯିବା ପାଇଁ ବାଟ ଥିବାବେଳେ ଲୋକେ ଅନ୍ଧାରରେ ଯାତାୟାତ କରୁଛନ୍ତି । ଯାହା ଫଳରେ ସନ୍ଧ୍ୟା ହେଲେ ଅନ୍ଧାରରେ ଦୁର୍ଘଟଣା ଘଟିବା ସମେତ ଟ୍ରାଫିକ ସମସ୍ୟା ମଧ୍ୟ ସୃଷ୍ଟି ହେଉଛି । ଏଥି ସହିତ ସନ୍ଧ୍ୟାରେ ପୋଲ ଉପରେ ଲୋକଙ୍କ ଭିଡ଼ ଜମୁଥିବା ବେଳେ ଅନ୍ଧାରରେ ଠିକ ଭାବେ ଗାଡ଼ିମୋଟର ଚଳାଚଳ ପାଇଁ ବାଧକ ସାଜୁଛି । ସବୁଠୁ ବଡ଼ କଥା ହେଲା ଅନ୍ଧାରରେ ଅସାମାଜିକ ଯୁବକଙ୍କ ଭିଡ଼ ଜମି କାର୍ଯ୍ୟକଳାପ ହେଉଛି । ଅନ୍ଧାରର ସୁଯୋଗ ନେଇ ଚୋରି ଓ ଛିନ୍‌ତାଇ ଘଟିବାର ସମ୍ଭାବନା ମଧ୍ୟ ରହିଛି । ଏହା ସହିତ ପୋଲ ଉପରେ ନିଶା ସେବନ କରୁଛନ୍ତି । ଲୋକଙ୍କ ସୁଗମ ଗମନା-ଗମନ ପାଇଁ ପୋଲରେ ଗାଡି ଚଳାଚଳ ସ୍ୱାଭାବିକ କରିଥିଲେ ସୁଦ୍ଧା ଆଲୋକୀ-କରଣ ବ୍ୟବସ୍ଥା ନଥିବାରୁ ନାନାଦି ସମସ୍ୟା ସୃଷ୍ଟି ହେଉଛି । ତେବେ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ନୂତନ ପୋଲ ନିର୍ମାଣ ହୋଇଥିବା ବେଳେ ଆଲୋକୀକରଣ ବ୍ୟବସ୍ଥା ଅଭାବରୁ ନାନାଦି ସମସ୍ୟା ସୃଷ୍ଟି କରୁଛି । ଏଥି ପ୍ରତି ଦୃଷ୍ଟି ଦେଇ ତୁରନ୍ତ ଆଲୋକୀକରଣ ବ୍ୟବସ୍ଥା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କୁ ସ୍ଥାନୀୟ ଗ୍ରାମବାସୀ ମାନଙ୍କ ପକ୍ଷରୁ ଗୁହାରି ଜଣାଇଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ଦିପୁ ସିଂ, ରଞ୍ଜିତ ସିଂ, ଲକ୍ଷ୍ମଣ ସିଂ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

ଆଶାକର୍ମୀ ସଂଘ ପକ୍ଷରୁ ୧୪ ଦଫା ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ

ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ କେନ୍ଦ୍ରାପଡ଼ା ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ୧୪ ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ସଂଘ ପକ୍ଷରୁ ଏହି ଦାବି ଗୁଡିକ ମଧ୍ୟରୁ ମଙ୍କସର ପ୍ରଥମ ସପ୍ତାହରେ ନିଶ୍ଚିନ୍ତ ଭତ୍ତା ୭ ହଜାର ସହିତ ଅନ୍ୟାନ୍ୟ ପ୍ରୋତ୍ସାହନ ରାଶିର ପାରିଶ୍ରମିକ ମିଶାଇ ସେକ୍ଟର ସଭାରେ ପ୍ରାପ୍ୟ ସଂପର୍କରେ ଆଶାକର୍ମୀମାନଙ୍କୁ ଅବଗତ କରାଯାଉ । ଆନ୍ତର୍ଜାତିକ ଶ୍ରମିକ ସଂଗଠନ ଦ୍ୱାରା ସ୍ଥିରୀକୃତ ମାସିକ ସର୍ବନିମ୍ନ ୨୬ ହଜାର ଟଙ୍କା ପାରିଶ୍ରମିକ ପ୍ରଦାନ କରାଯାଉ । ଅବସର ନେଉଥିବା ଅଶାକର୍ମୀମାନଙ୍କୁ ମାସିକ ୧୦ ହଜାର ଟଙ୍କା ପେନଶନ ଦିଆଯାଉ । ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତାକୁ ଭିତିକରି ପଦୋନ୍ନତି ଦିଆଯାଉ । ପ୍ରତ୍ୟେକ ଗ୍ରାମରେ ଅଶାଗୃହ ନିର୍ମାଣ କରାଯାଉ । ଆଶାକର୍ମୀଙ୍କ ସହିତ ସମସ୍ତ ଏନଏଚଏମ୍ କର୍ମଚାରୀଙ୍କୁ ସରକାରୀ ଚାକିରୀର ମାନ୍ୟତା ପ୍ରଦାନ କରାଯାଉ ଆଦି ଦାବି ଗୁଡିକ ରହିଛି । ଉପ ସଭାପତି ଭଜହରି ପ୍ରଧାନଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ ସମୟରେ ରମଣୀ ରଂଜନ ରାଉତରାୟ, ଅକ୍ଷୟ କୁମାର ମଲିକ, ସୁଲୋଚନା ନନ୍ଦି ପ୍ରମୁଖ ଉପସ୍ଥିତ ଥିଲେ ।

ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ବହୁ ବିଶେଷଜ୍ଞ ପଦବୀ ଖାଲି : ଆନ୍ଧ୍ର ମୁହାଁ ରୋଗୀ

ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ

ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇ ପାରୁନି ଉନ୍ନତମାନର ସ୍ୱାସ୍ଥ୍ୟସେବା ଅଭାବରୁ ୭୦ ପ୍ରତିଶତ ରୋଗୀ ଆନ୍ଧ୍ର ଉପରେ ନିର୍ଭରଶୀଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶେଷଜ୍ଞ ସମେତ ଅଭିଜ୍ଞ ଡାକ୍ତରଙ୍କ ଅଭାବ ଏଥି ପାଇଁ ମୁଖ୍ୟତଃ ଦାୟୀ। ବର୍ଷ ବର୍ଷ ଧରି ଖାଲି ପଡ଼ିଥିବା ପଦବୀ ପୂରଣ ଦିଗରେ ସରକାର ଦୃଷ୍ଟି ଦେଉନଥିବାରୁ ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ମିଳିପାରୁନି। ଆନ୍ଧ୍ର ଡାକ୍ତରଙ୍କ ମଧ୍ୟସ୍ଥି ସାଜିଛନ୍ତି ଜିଲ୍ଲାର କିଛି ଔଷଧ ଦୋକାନୀ ଓ ଗାଡ଼ି ମାଲିକ।

ଅବିଭକ୍ତ କୋରାପୁଟ ଜିଲ୍ଲା-ବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲକ୍ଷ୍ୟରେ ୨୦୧୬ରେ କୋରାପୁଟରେ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ସ୍ଥାପନ କରିଥିଲେ ସରକାର ୨୦୨୧ ମସିହାରେ ପ୍ରଥମ ଡାକ୍ତରୀ ଛାତ୍ରଙ୍କ ପ୍ରଥମ ବ୍ୟାଚ୍ ପାସ୍ ଆଉଟ୍ ହୋଇ ଥିଲେ। ଏହା ପରଠାରୁ ନିୟମିତ ବ୍ୟବଧାନରେ ଡାକ୍ତରୀ ଛାତ୍ରଛାତ୍ରୀ ପାସ୍ ଆଉଟ୍ ହେଉଛନ୍ତି । କିନ୍ତୁ ପିଏଚସିରେ ମଧ୍ୟ ଲୋକଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ମିଳୁନି । ଫଳରେ ରୋଗୀ ଆନ୍ଧ୍ର ମୁହାଁ ହେଉଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବହୁ ବିଭାଗରେ ଡାକ୍ତର ପଦବୀ ଖାଲି ପଡ଼ିଥିବା ବେଳେ ଯେଉଁ କିଛି ନିୟୋଜିତ ଅଛନ୍ତି ଅଧିକାଂଶ ଔଷଧ ଦୋକାନରେ ଘରୋଇ ଚିକିତ୍ସାରେ ବ୍ୟସ୍ତ ।

ମାଲକାନଗିରି, ମେଡିକାଲରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ହୋଇପାରୁନି କେବଳ ନୂତନ କୋଠା, ଉନ୍ନତମାନର ଭିତିଭୂମିକୁ ଛାଡ଼ିଲେ ଡାକ୍ତରୀ ପଦବୀ ପୂରଣ ଦିଗରେ କୌଣସି ସୁଫଳ ମିଳିପାରିନି । କେବଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୁହେଁ, ଉପଖଣ୍ଡ ଚିକିତ୍ସାଳୟ, ସିଏଚସିରେ ପ୍ରାକ୍ଟିସ କରୁଛନ୍ତି । ମେଡିକାଲ୍ ଗଲେ ଠିକ୍ ଭାବରେ ଦେଖୁନଥିବାରୁ ରୋଗୀମାନେ ସିଧା ଔଷଧ ଦୋକାନ ଗୁଡ଼ିକରେ ଖୋଲା ଯାଇଥିବା କ୍ଲିନିକ୍‌ରେ ପହଞ୍ଚୁଛନ୍ତି ପ୍ରତି ରୋଗୀଙ୍କ ବାବଦକୁ କ୍ଲିନିକ୍ କର୍ତ୍ତୃପକ୍ଷ ୨୦୦ ରୁ ୪୦୦ ଟଙ୍କା ଡାକ୍ତରୀ ଫି' ଆଦାୟ କରୁଛନ୍ତି । ଅନ୍ୟପକ୍ଷରେ କ୍ଲିନିକ୍ ପାଖରେ ଥିବା ଔଷଧ ଦୋକାନର ଯେତିକି ମେଡିସିନ୍ ସରୁଛି ସେହି ଅନୁଯାୟୀ କମିଶନ୍ ଡାକ୍ତରଙ୍କ ଆକାଉଣ୍ଟକୁ ଚାଲି ଯାଉଛି ଫଳରେ ସରକାରୀ ଡ୍ୟୁଟି ସରିବା ସଙ୍ଗେ ସଙ୍ଗେ ଡାକ୍ତର କ୍ଲିନିକ୍‌ରେ ପହଞ୍ଚି ଯାଉଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅତ୍ୟାଧୁନିକ ଲ୍ୟାବ୍ ଥିଲେ ମଧ୍ୟ ଡାକ୍ତର ଘରୋଇ ଲ୍ୟାବ୍ ଓ ପାଥୋଲୋଜିର ରିପୋର୍ଟକୁ ହିଁ ପ୍ରାଧାନ୍ୟ ଦେଉଛନ୍ତି ଉଭୟ ରିପୋର୍ଟ ମଧ୍ୟରେ କୌଣସି ତଫାତ୍ ନଥିଲେ ମଧ୍ୟ ସରକାରୀ ମେଡିକାଲରେ ମାଗଣାରେ ହେଉଥିବା ଟେଷ୍ଟିଂ ବାବଦକୁ ଘରୋଇ ପାଥୋଲାବ୍ ଚଢ଼ା ଦର ନେଉଥିବା ଅଭିଯୋଗ ହେଉଛି ।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ନିଯୁକ୍ତି ସହ ଯନ୍ତ୍ରପାତି ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ଜୟପୁର, ନ୍ୟୁଜ୍‌ବ୍ୟୁରୋ

ଜୟପୁର ସଚେତନ ନାଗରିକ କମିଟି ତରଫରୁ ୫ ଦଫା ଦାବି ପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରାଯାଇଛି । କମିଟିର ସମ୍ପାଦକ ଅକ୍ଷୟ କୁମାର ସାହୁ ଉପସ୍ଥିତ ରହି ଦାବି ପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଲଟ୍ରାସାଉଣ୍ଡର ଯନ୍ତ୍ରପାତିର ବ୍ୟବସ୍ଥା କରିବା, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ପାଇଁ ରହିଥିବା ବେଳେ ସାଧାରଣ ଲୋକଙ୍କ ପାଇ ଆଲଟ୍ରାସାଉଣ୍ଡର ବ୍ୟବସ୍ଥା କରାଯାଉ, ଜିଲ୍ଲା ଚିକିତ୍ସାଳୟରେ ରୋଡିଓ ଲୋଜିଷ୍ଟ, ସୋନୋଲୋଜିଷ୍ଟ, ହୃଦ୍‌ରୋଗ, ଅସ୍ଥି ବିଶେଷଜ୍ଞ ନାହାନ୍ତି ତୁରନ୍ତ ବିଶେଷଜ୍ଞ ନିଯୁକ୍ତି କରିବାକୁ ଦାବି କରାଯାଇଛି । ୧୬୬ଟି ମଞ୍ଜୁର ଡାକ୍ତରି ପଦବୀରୁ ମାତ୍ର ୫୩ଟି ଡାକ୍ତର ଅଛନ୍ତି । ଏକ ତୃତିୟାଂଶ ଠାରୁ ବି କମ୍ ଡାକ୍ତର ଅଛନ୍ତି । ତେଣୁ ଜିଲା ଚିକିତ୍ସାଳୟ ଉପରେ ୩୦ ଲକ୍ଷ ଲୋକ ନିର୍ଭର କରୁଥିବା ବେଳେ ଯାହାକି ଡାକ୍ତର ସମସ୍ୟା ଦେଖାଯାଇଛି । ତେଣୁ ତୁରନ୍ତ ଡାକ୍ତର ନିଯୁକ୍ତି କରିବାକୁ ଦାବି କରାଯାଇଛି । ଆଇସିୟୁ ବେଡର ବ୍ୟବସ୍ଥା କରାଯାଉ ଆଦି ଦାବି କରାଯାଇଛି । ମୁଖ୍ୟମନ୍ତ୍ରୀ ମାଝୀ ଦାବିପତ୍ର ଗ୍ରହଣ କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

ଶଶାଙ୍ଗ-ଟୁଣୁଟୁଣା ରାସ୍ତା ଶୋଚନୀୟ

ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ

ଚମ୍ପୁଆ ସାତକୁଟୁଣିଆରୁ ପାଟଣା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଚାଲିଛି । ତେବେ କାର୍ଯ୍ୟ କରୁଥିବା ଠିକା ସଂସ୍ଥାର ଅପରିଣାମଦର୍ଶିତା ଯୋଗୁ ଶଶାଙ୍ଗ ଗ୍ରାମରୁ ଟୁଣୁଟୁଣା ଅରଡ଼େଇ ପୋଲ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଛି । ଠିକା ସଂସ୍ଥା ରାସ୍ତା ଉପରେ ମାଟି ପକାଇ ଛାଡ଼ି ଦେଇଥିବା ବେଳେ ଲଗାଣ ବର୍ଷା ଯୋଗୁଁ ରାସ୍ତାଟି ଖାଲଖମା ସହିତ ମାଟି କାଦୁଅରେ ଭର୍ତ୍ତି ହୋଇଛି । ଫଳରେ ଯାତାୟାତ କରିବା ପାଇଁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କାଦୁଅ ଯୋଗୁ ବାଇକ୍‌ରେ ଯିବା ଆସିବା କରିବା ଲୋକଙ୍କ ପାଇଁ କଷ୍ଟ ସାଧ୍ୟ ହୋଇପଡ଼ିଛି । ଶୋଚନୀୟ ରାସ୍ତା ଅବସ୍ଥା ଯୋଗୁଁ ଅନେକ ସମୟରେ ବଡ଼ ଗାଡ଼ି ଗୁଡ଼ିକୁ ସାମାନ୍ୟ କେଇ କିଲୋମିଟର ରାସ୍ତା ଅତିକ୍ରମ କରିବା ପାଇଁ ଅଧଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଲାଗୁଛି । ଦୈନନ୍ଦିନ ଅଫିସ , ବ୍ଲକ, କୋର୍ଟ କଚେରୀ, ବ୍ୟାଙ୍କ ତଥା ବ୍ୟବସାୟିକ କାର୍ଯ୍ୟ ପାଇଁ ଏହି ରାସ୍ତାଟି ଉପରେ ଚମ୍ପୁଆ ବ୍ଲକର ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ପଞ୍ଚାୟତବାସୀ ନିର୍ଭର କରୁଥିବା ବେଳେ ଏହି ରାସ୍ତାଟି ଅଞ୍ଚଳବାସୀଙ୍କ ଲାଇଫ ଲାଇନ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାକୁ ନେଇ ଚମ୍ପୁଆ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ବୁଦ୍ଧିଆ ମାରାଣ୍ଡିଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ ସମସ୍ୟାକୁ ସ୍ୱୀକାର କରିଛନ୍ତି । ଅତିଶୀଘ୍ର ଠିକା ସଂସ୍ଥାକୁ କହି ରାସ୍ତା ଉପରେ ମେଟାଲ ଗୁଣ୍ଡ ପକାଇ ଯାତାୟାତ ଯୋଗ୍ୟ କରିବା ନେଇ ସୂଚନା ଦେଇଛନ୍ତି ।

ଏକଲବ୍ୟ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ରାଷ୍ଟ୍ରପତି ଭବନ ପରିଦର୍ଶନ

ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକର ମହାସିଙ୍ଗି ଓ ଫିରିଙ୍ଗିଆ ବ୍ଲକରେ ଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ପାଞ୍ଚଜଣ ଛାତ୍ରୀ ଓ ପାଞ୍ଚ ଜଣ ଛାତ୍ର ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନ ପରିଦର୍ଶନ କରିବା ସହିତ ମହାମହିମ ରାଷ୍ଟ୍ରପତିଙ୍କ ସହ ଆଳାପ ଆଲୋଚନା କରି ରକ୍ଷା ବନ୍ଧନ କାର୍ଯ୍ୟକ୍ରମରେ ଯୋଗଦେଇ ଫେରିଛନ୍ତି। ଉକ୍ତ ବିଦ୍ୟାଳୟ ଦୁଇଟିରୁ ପୂର୍ବ ନିର୍ଦ୍ଧାରିତ ନିମନ୍ତ୍ରଣ ଅନୁସାରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜ୍ଜନ କରିଥିବା ମହାସିଙ୍ଗିର ଛାତ୍ରୀ ରିତିଶିଖା କହଁର, ଅମିତା ସୁକମାଝୀ, ଡି. ଅକ୍ଷରା, ସାନିତା ପ୍ରଧାନ, ନୂପୁର ମଲ୍ଲିକଙ୍କ ସହ ତତ୍ତ୍ୱାବଧାରକ ଶିକ୍ଷୟିତ୍ରୀ ସୁଶ୍ରୀ ବନମିତ୍ରା ଖଟୋଇ ଥିଲେ। ସେହିପରି ଫିରିଙ୍ଗିଆ ଏକଲବ୍ୟ ବିଦ୍ୟାଳୟର ଛାତ୍ର ପ୍ରିତମ ପ୍ରଧାନ, ନରେଶ କହଁର, ଜଗଦିଶ ପ୍ରଧାନ, ପ୍ରକାଶ କହଁର ଓ ଜ୍ଞାନେନ୍ଦ୍ର କହଁରଙ୍କ ସହିତ ଶିକ୍ଷକ ସାଇ ସ୍ୱରୂପ ପାତ୍ର ଗ୍ରସ୍ତ କରିଥିଲେ। ଭାରତ ସରକାରଙ୍କ ନିର୍ଦ୍ଦେଶ ଓ ରାଷ୍ଟ୍ରପତି ଭବନ ନିୟମାନୁସାରେ ରକ୍ଷା ବନ୍ଧନ ଉତ୍ସବରେ ବିଭିନ୍ନ ରାଜ୍ୟରୁ ୧୦୦ ଜଣ ଛାତ୍ରଛାତ୍ରୀ ଓ ୨୦ ଜଣ ଶିକ୍

31 YEARS
ସମ୍ବାଦ ଜହ୍ନିକା
ଭୁବନେଶ୍ୱର, ୧୯ ଅଗଷ୍ଟ ୨୦୨୫ ମଙ୍ଗଳବାର

ଏମ୍‌କେସିଜି ଶଯ୍ୟା ସଂଖ୍ୟା ୨ ଗୁଣ ବଢ଼ିବ:ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ସମୀକ୍ଷା କଲେ ମନ୍ତ୍ରୀ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍‌ରେ ୨ ଗୁଣ ହେବ ଶଯ୍ୟା ସଂଖ୍ୟା । ଏବେ ଏହି ମେଡ଼ିକାଲ୍‌ରେ ପ୍ରାୟ ୧୫୦୦ ଶଯ୍ୟା ରହିଥିବା ବେଳେ ଆଗାମୀ ଦିନରେ ଏହାକୁ ୩୦୦୦କୁ ବୃଦ୍ଧି କରାଯିବା ଯୋଜନା ରହିଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ କହିଛନ୍ତି। ଏମ୍‌କେସିଜି ମେଡ଼ିକାଲ୍‌ରେ ଜିଲ୍ଲାର ସ୍ୱାସ୍ଥ୍ୟ ସେବାକୁ ନେଇ ମନ୍ତ୍ରୀ ସମୀକ୍ଷା କରିଥିଲେ। ୧୯୬୨ରେ ସ୍ଥାପନ ହୋଇଥିବା ଏମ୍‌କେସିଜି ମେଡ଼ିକାଲ୍ କଲେଜ ହେଉଛି ଦକ୍ଷିଣ ଓଡ଼ିଶାବାସୀଙ୍କ ଅସ୍ଥା । ଏଠାରେ ଦିନକୁ ଦିନ ରୋଗୀ ସଂଖ୍ୟା ବଢ଼ିବାରେ ଲାଗିଛି । ସେହି ଦୃଷ୍ଟିରୁ ଏମ୍‌କେସିଜି ମେଡ଼ିକାଲ୍‌ର ପୁନଃ ବିକାଶର ଆବଶ୍ୟକତା ରହିଛି । ଏମ୍‌କେସିଜିରେ ଉନ୍ନତ ଜ୍ଞାନ କୌଶଳ ଓ ଚିକିତ୍ସା ବ୍ୟବସ୍ଥା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି। ତେବେ ଏମ୍‌କେସିଜିରେ ବରିଷ୍ଠ ଡ଼ାକ୍ତରଙ୍କ ଅଭାବକୁ ସ୍ୱୀକାର କରିବା ସହ ନିକଟରେ ଓପିଏସ୍‌ସି ଜରିଆରେ ୩୦୦ରୁ ଅଧିକ ଡାକ୍ତର ନିଯୁକ୍ତ ପାଇବାକୁ ଯାଉଛନ୍ତି। ସେହି ପ୍ରକ୍ରିୟା ଶେଷ ହେବାପରେ କିଛି ମାତ୍ରାରେ ଅଭାବ ପୂରଣ ହୋଇପାରିବ। ତେବେ ଶଯ୍ୟା ବୃଦ୍ଧି ସାଙ୍ଗକୁ ଡାକ୍ତର, ନର୍ସ, ପାରାମେଡ଼ିକାଲ୍ କର୍ମଚାରୀ ଓ ଅନ୍ୟାନ୍ୟ କର୍ମଚାରୀ ପଦ ମଧ୍ୟ ବୃଦ୍ଧି କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ସମୀକ୍ଷା ବୈଠକରେ ବ୍ରହ୍ମପୁର ବିଧାୟକ କେ. ଅନିଲ୍ କୁମାର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି. ଭାର୍ତ୍ତିଭାସନ୍, ଏମ୍‌କେସିଜି ମେଡ଼ିକାଲ୍ କଲେଜ ଅଧ୍ୟକ୍ଷା ପ୍ରଫେସର ଡ଼ା. ସୁଚିତ୍ରା ଦାଶ, ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସୁଶାନ୍ତ କୁମାର ନାୟକ ଓ ସିଟି ହସ୍‌ପିଟାଲ୍ ଅଧୀକ୍ଷକ ଡ଼ା. ବିଶ୍ୱମ୍ଭର ବେହେରାଙ୍କ ସମେତ ଏମ୍‌କେସିଜି ମେଡ଼ିକାଲ୍ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଏମ୍‌କେସିଜିର ଆଶୁ ଚିକିତ୍ସା ବିଭାଗର ସମ୍ପ୍ରସାରଣ, ମୃତ ଶରୀର ଦାନ ପାଇଁ ରହିଥିବା ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗି ରହିଥିବା ସମସ୍ୟା ସମ୍ପର୍କରେ ଆଲୋଚନା ହେବା ସହ ହସ୍‌ପିଟାଲ୍ ପରିସରରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି, ବିଭିନ୍ନ ଯୋଜନାର ସଫଳ ରୂପାୟନ, ଆନୁସଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଏମ୍‌କେସିଜିରେ ନବଜାତ ଶିଶୁଙ୍କ ପାଇଁ ନ୍ୟୁବର୍ଣ୍ଣ ସ୍କ୍ରିନିଂ ରକ୍ତ ପରୀକ୍ଷାର ବ୍ୟବସ୍ଥା ରହିଥିବା ବେଳେ ଲ୍ୟାବ୍ ଟେକ୍‌ନିସିଆନ୍ ନଥିବାରୁ ନବଜାତଙ୍କ ରକ୍ତନମୁନା ସଂଗ୍ରହକରିବାରେ ସମସ୍ୟା ରହିଛି। ତେଣୁ ଜଣେ ଡାଲିମ୍‌ପ୍ରାପ୍ତ ଲ୍ୟାବ୍ ଟେକ୍‌ନିସିଆନ୍‌ଙ୍କୁ ନିଯୁକ୍ତି ଦେବାକୁ ଦାବି ହୋଇଥିଲା। ବିଭିନ୍ନ ବର୍ଗର କର୍ମଚାରୀ ୟୁନିଫର୍ମ ପରିଧାନ କରୁନଥିବା ଅଭିଯୋଗ ହୋଇଥିଲା।

ବୌଦ୍ଧ ଜିଲ୍ଲାର କଳା, ସଂସ୍କୃତି ଓ ପର୍ଯ୍ୟଟନ ଉଚ୍ଚକୋଟୀର:ଉଚ୍ଚ ଶିକ୍ଷାମନ୍ତ୍ରୀ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ଉଚ୍ଚ ଶିକ୍ଷା ଓ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଦିନିକିଆ ବୌଦ୍ଧ ଜିଲ୍ଲା ଗସ୍ତରେ ଆସିଥିଲେ । ଶନିବାର ସକାଳେ ମନ୍ତ୍ରୀ ସୂର୍ଯ୍ୟବଂଶୀ ବୌଦ୍ଧର ରାମେଶ୍ୱର ମନ୍ଦିରରେ ପହଞ୍ଚି ବାବା ଭୋଳାନାଥଙ୍କୁ ଦର୍ଶନ କରିଥିଲେ । ଏଠାରେ ଥିବା ନାଲି ପଥରରେ ଅତ୍ୟନ୍ତ କାରୁକାର୍ଯ୍ୟ ପୂର୍ଣ୍ଣ ତିନୋଟି ମନ୍ଦିର ସହିତ ଗଡଜାତ ସମୟରେ ଅର୍ଦ୍ଧନିର୍ମିତ ହୋଇ ରହିଥିବା ମୁଖ୍ୟ ମନ୍ଦିର ବୁଲି ଦେଖିବା ସହ ଏଭଳି କାରୁକାର୍ଯ୍ୟ ଦେଖି ମନ୍ତ୍ରୀ ବେଶ୍ ବିମୋହିତ ହୋଇଥିଲେ । ପରେ ପରେ ମନ୍ତ୍ରୀ ମହାନଦୀ ଗର୍ଭରେ ଥିବା ମର୍ଯ୍ୟାକୁଦ ଦ୍ୱୀପର ଶେଷରେ ଥିବା କୁଲାରୀ କୁଦ ଇକୋରିଟ୍ରିଟ୍‌କୁ ବୁଲି ଦେଖିବା ସହ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟର ଭୂରି ଭୂରି ପ୍ରଶଂସା

କରିଥିଲେ । ଏହାଛଡ଼ା ବୌଦ୍ଧ ଜିଲ୍ଲା ସଂଗ୍ରହାଳୟକୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ବୁଲି ଦେଖିଥିଲେ । ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବୌଦ୍ଧ ଜିଲ୍ଲା ଗସ୍ତ ଥିବା ବେଳେ ମନ୍ତ୍ରୀଙ୍କ ସହିତ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ବୌଦ୍ଧ ଜିଲ୍ଲା ଏଥଲେଟିକ୍ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଯୁଗଳ କିଶୋର ସାମଲ, ବିଜେପି ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ର, ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଓମ୍ ପ୍ରକାଶ ମିଶ୍ର ପ୍ରମୁଖ ଯୋଗଦେଇ ଉପରୋକ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ। ଅପରାହ୍ନରେ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ଅନ୍ୟାନ୍ୟ ଅତିଥିମାନେ ବୌଦ୍ଧ ଜିଲ୍ଲା ଷ୍ଟାଡିୟମ୍ ପରିଦର୍ଶନ ସହ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦାନ ପୂର୍ବକ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନ୍ତର୍ଗତ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ବୌଦ୍ଧ ପଞ୍ଚାୟତ କଲେଜକୁ ସରକାରୀ ସ୍ୱୀକୃତି ସହ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଗଞ୍ଜାମ ଜିଲ୍ଲାରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ନେଇ ଏସ୍‌ପି ଓ ଜିଲ୍ଲାପାଳଙ୍କୁ ଭେଟିଲେ ବିଜେଡ଼ି ପ୍ରତିନିଧି

ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଜିଲ୍ଲାରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ଓ ଜିଲ୍ଲାରେ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ ହେବାକୁ ବିରୋଧ କରି ଗଞ୍ଜାମ ଏସ୍‌ପିଓ ଜିଲ୍ଲାପାଳଙ୍କୁ ସାକ୍ଷାତ କରିଛନ୍ତି ବିଜେଡ଼ିର ଏକ ପ୍ରତିନିଧି ଦଳ। ଗଞ୍ଜାମ ଜିଲ୍ଲା ବିଜେଡ଼ି ସଭାପତି ବିକ୍ରମ ପଣ୍ଡା, ଜିଲ୍ଲାର ଦୁଇ ପୂର୍ବତନ ସାଂସଦ ଓ ବହୁ ପୂର୍ବତନ ବିଧାୟକ ମାନେ ଏହି ଟିମ୍‌ରେ ରହିଛନ୍ତି। ପ୍ରଥମେ ବିଜେଡ଼ି ଟିମ୍ ଗଞ୍ଜାମ ଏସ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଗଞ୍ଜାମ ପୋଲିସ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ପରିବର୍ତ୍ତେ ନାହିଁ ନାହିଁ ଲୋକଙ୍କୁ ଗିରଫ କରୁଛି। ଅନେକ ଥାନା ଅଧିକାରୀମାନେ ଜନସାଧାରଣଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉନାହାନ୍ତି। ଏଭଳି ଅଭିଯୋଗକୁ ନେଇ ଗଞ୍ଜାମ ଏସ୍‌ପିଙ୍କୁ ବିଜେଡ଼ିର ଟିମ୍ ସାକ୍ଷାତ କରି ଆଲୋଚନା କରିଥିଲା। ଖୁବ୍‌ଶୀଘ୍ର ଲୋକଙ୍କ ଅଭିଯୋଗକୁ ଶୁଣି ତାହାର ସମାଧାନ କରିବା ନିମନ୍ତେ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି ବିଜେଡ଼ି ଟିମ୍। ଏହାପରେ ବିଜେଡ଼ି ଟିମ୍ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସେଠାରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିଲେ। ନୂଆ ସରକାର ଆସିବା ପରେ ଜିଲ୍ଲାର ଗ୍ରାମାଞ୍ଚଳ ଗୁଡ଼ିକରେ ବିକାଶମୂଳକ କାର୍ଯ୍ୟକ୍ରମ ଠପ୍ ହୋଇପଡ଼ିଛି । ପୂର୍ବତନ ବିଧାୟକ ମାନଙ୍କର ହାତପାଣ୍ଠିରୁ ବିଭିନ୍ନ ପ୍ରକଳ୍ପ ନିମନ୍ତେ ଆସିଥିବା ଟଙ୍କାକୁ ଖର୍ଚ୍ଚ କରାଯାଉନାହିଁ। ବର୍ତ୍ତମାନର ସରପଞ୍ଚ, ସମିତିସଭ୍ୟ ମାନଙ୍କୁ ଗାଁର ଉନ୍ନତି ନିମନ୍ତେ କାମ କରାଇଦିଆଯାଉନାହିଁ। ତେଣୁ ଜିଲ୍ଲାର ବିକାଶ କିଭଳି ହେବ ସେ ଦିଗରେ ଧ୍ୟାନ ଦେବାକୁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି ବିଜେଡ଼ି ଟିମ୍।

ହାତୀଦାନ୍ତ ଲୁଟ୍ ଘଟଣାରେ ବନବିଭାଗର ଅଧିକ ତଦନ୍ତ ଜାରୀ

କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ

ହାତୀ ଦାନ୍ତ ଜବତ ମାମଲାର ତଦନ୍ତ ଜାରି ରଖିବା ପାଇଁ, କେନ୍ଦୁଝର ମୁଖ୍ୟ ବିଚାର ବିଭାଗୀୟ କୋର୍ଟ ପ୍ରକ୍ରିୟା ଅନୁଯାୟୀ ଦୁଇ ଅଭିଯୁକ୍ତଙ୍କୁ ପଚରାଉଚରା ପାଇଁ ରିମାଣ୍ଡରେ ନିଆଯିବା ସହ ପଚରାଉଚରା ସମୟରେ, ସେମାନେ ପାଲଲହରା-ବାଂସପାଳ ସୀମାନ୍ତ ଅଞ୍ଚଳର ଡେରି ଗାଁରେ ଏକ ହାତୀର ମୃତଦେହ ପୋତା ଯାଇଥିବା ସ୍ଥାନ ବିଷୟରେ ପ୍ରକାଶ କରିଥିଲେ। ଏହି ସୂଚନା ଅନୁଯାୟୀ, ତଦନ୍ତ ଅଧିକାରୀ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହକୁ ବାହାର କରିଥିଲେ ଏବଂ ଘଟଣାସ୍ଥଳରୁ ଦାନ୍ତର ଗୋଟିଏ ଅଂଶ ଯାହାକି ସକେଟରେ ଛାଡିଯାଇଥିବା ସହିତ ଅନ୍ୟାନ୍ୟ କଙ୍କାଳ ଜବତ କରିଥିଲେ। ଜବତ ସାମଗ୍ରୀଗୁଡ଼ିକୁ ଅଧିକ ପରୀକ୍ଷା ପାଇଁ ସଂରକ୍ଷିତ ରଖାଯାଇଛି ବୋଲି ଡ଼ିଏଫଓ ପ୍ରକାଶ କରିଛନ୍ତି। ମୁଖ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ଏବଂ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ପାଇଁ ତଦନ୍ତ ଜାରି ରହିଛି ବୋଲି କେନ୍ଦୁଝର ଡ଼ିଏଫଓ ଏଚ୍‌ଡି ଧନରାଜ ପ୍ରକାଶ କରିଛନ୍ତି।

ଭାଷା ଆନ୍ଦୋଳନ, ଓଡ଼ିଶା ପକ୍ଷରୁ 'ଓଡ଼ିଆ ସରକାରୀ ଭାଷା ଦିବସ' ପାଳନ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଭାରତବର୍ଷର ପ୍ରଥମ ଭାଷାଭିତ୍ତିକ ରାଜ୍ୟର ଭାଷା ନିଜ ମାତୃଭାଷା 'ଓଡ଼ିଆ' ହେବାପାଇଁ ଦୀର୍ଘ ବର୍ଷର ଲଢ଼େଇ ଯାହାକି ଇଂରେଜ ଶାସନ ସମୟରୁ ହିଁ ଆରମ୍ଭ ହୋଇଥିଲା। ଓଡ଼ିଶାର ପଶ୍ଚିମାଞ୍ଚଳରେ ହିନ୍ଦୀ ଭାଷା, ଉପକୂଳ ଅଞ୍ଚଳରେ ବଙ୍ଗାଳୀ ଭାଷା ଏବଂ ଦକ୍ଷିଣାଞ୍ଚଳରେ ତେଲଗୁ ଭାଷାକୁ ଲାଗୁ କରିବା ନେଇ ଇଂରେଜୀ ସରକାରକୁ ବିରୋଧ କରିବାରୁ ନୂତନ ଭାବରେ 'ଓଡ଼ିଶା' ଭାଷାଭିତ୍ତିକ ଭୂଖଣ୍ଡ ସୃଷ୍ଟି ହୋଇଥିଲା। ଏହି ଓଡ଼ିଶା ଭୂଖଣ୍ଡରେ ଓଡ଼ିଆ ଭାଷା ପ୍ରଚଳନ ପାଇଁ ସର୍ବପ୍ରଥମେ ବରଗଡ଼ର ବିଧାୟକ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ବିଧାନସଭାରେ ଏପ୍ରିଲ ୧ ତାରିଖ ୧୯୪୮ ମସିହାରେ ପ୍ରସ୍ତାବ ଆଣିଥିଲେ କିନ୍ତୁ ତାହା ପାରିତ ହୋଇପାରିନଥିଲା। ୧୯୫୪ ମସିହାରେ ନବକୃଷ୍ଣ ଚୌଧୁରୀ ଭାଷା ଆଇନ୍ ଆଣିଥିଲେ କିନ୍ତୁ ତାହାର ନିୟମାବଳୀ ହୋଇନଥିବାରୁ ଭାଷା ଆଇନ୍ ବିଧିବଦ୍ଧ ଲାଗୁ ହୋଇପାରିନଥିଲା। ତେଣୁ ଭାଷା ଆନ୍ଦୋଳନ, ଓଡ଼ିଶା ତରଫରୁ 'ଓଡ଼ିଆରେ ଓଡ଼ିଶାର ଶାସନ' ଖିଲାପ କାରିକୁ ଦଣ୍ଡବିଧାନ ପାଇଁ ଭାଷା ଆଇନ୍ ସଂଶୋଧନ ହୋଇ ନିୟମାବଳୀ ପ୍ରକାଶ କରିବାକୁ ଦାବି ନେଇ ୧୩ ଏପ୍ରିଲ ୨୦୧୬ ରୁ ୧୯ ସେପ୍ଟେମ୍ବର ୨୦୧୮ ପର୍ଯ୍ୟନ୍ତ କଳାପତାକା ଅଭିଯାନ କରି ପ୍ରତିବାଦ ହେଇଥିଲା। ସରକାର ଆଇନ୍ ସଂଶୋଧନ କରି ୧୬ ଅଗଷ୍ଟ ୨୦୧୯ରେ ଓଡ଼ିଆ ଭାଷା ସରକାରୀ ଭାଷା ଭାବେ ଘୋଷଣା କଲେ ଏବଂ ଯେଉଁମାନେ ଏହି ଆଇନ୍ ଉଲ୍ଲଂଘନ କରିବେ ସେମାନଙ୍କୁ ସରକାରୀ ଆଇନ୍ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ରାଜପତ୍ରରେ ପ୍ରକାଶ ପାଇବା ଦିନଠାରୁ ହିଁ ଓଡ଼ିଆ ଭାଷା ସରକାରୀ ଭାଷା ଭାବରେ ପରିଗଣିତ ହେଲା। ଏଥିପାଇଁ ଏହି ଦିନଟିକୁ 'ଓଡ଼ିଆ ସରକାରୀ ଭାଷା ଦିବସ' ରୂପେ ପାଳନ କରୁଛୁ। ଏହି ପ୍ରେକ୍ଷାପଟରେ ଭାଷା ଆନ୍ଦୋଳନ ତରଫରୁ ୮୭୮ ଦିନର ଆନ୍ଦୋଳନରେ ସାମିଲ୍ ହୋଇଥିବା ଭାଷା ଯୋଦ୍ଧା ମାନଙ୍କର ଭାଷା ପ୍ରତି ମମତ୍ୱବୋଧ ତଥା ଭାଷା ଆଇନ୍ ପ୍ରଣେତା ନବକୃଷ୍ଣ ଚୌଧୁରୀ ତଥା ଓଡ଼ିଶା ନିର୍ମାତା ଉତ୍କଳଗୌରବ ମଧୁସୂଦନ ଦାସଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ସରକାରଙ୍କୁ ମନେ ପକାଇ ଦେବାକୁ ଚାହୁଁ ଓଡ଼ିଆରେ ଓଡ଼ିଶାର ଶାସନ ନଚେତ୍ ଦଣ୍ଡ ବିଧାନ ପାଇଁ ଆଇନ୍ କଡାକଡି ଭାବରେ ଲାଗୁ କରନ୍ତୁ। ଏହି ଭାଷା ପାଇଁ ଘଣ୍ଟାଟିଏ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଆଶିଷ ବେହର୍ତା, ଆପୋଲୋ ସେଠି, ନବକିଶୋର ପ୍ରଧାନ, ନାରାୟଣ ଖୁଣ୍ଟିଆ, ବିସ୍ୱରାଜ ନାୟକ, ସତ୍ୟ ରଞ୍ଜନ ସ୍ୱାଇଁ, ମାନସ ବଖିଆ, ବି ମୁରଲୀଧର, ମନୋଜ ନାୟକ, ନୀଳମଣି ମିଶ୍ର, ସାଗର ଶତପଥୀ, ସାରଦା ପ୍ରସାଦ ମହାପାତ୍ର ପ୍ରମୁଖ ଭାଷା ଯୋଦ୍ଧାମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି ବୋଲି ଆବାହକ ପବିତ୍ର ମହାରଥା କହିଛନ୍ତି।

ବନ୍ଦ କୋଠରୀରୁ ଯୁବତୀଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର

ବାରିପଦା, ନ୍ୟୁଜ୍ ବ୍ୟୁରୋ

ବନ୍ଦ ଘରୁ ଝୁଲନ୍ତା ଅବସ୍ଥାରେ ଯୁବତୀଙ୍କ ମୃତ ଦେହ ଉଦ୍ଧାର ହୋଇଛି। ଭଞ୍ଜପୁର ଥାନା ଅନ୍ତର୍ଗତ ତକତପୁର ଅଞ୍ଚଳର ଭିଆର୍‌ପି କୋଲଣି ସାହିରେ ଅଘଟଣ ଘଟିଛି। ମୃତକ ହେଲେ ବଡସାହି ଥାନା ଅନ୍ତଃରନ ଗ୍ରାମର କୁନୁ ବାରିକଙ୍କ ଝିଅ ଲକ୍ଷ୍ମୀ ବାରିକ ଓରଫ ସୋନାଲି। ଘଟଣାସ୍ଥଳରେ ଭଞ୍ଜପୁର ଥାନା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଝୁଲନ୍ତା ଅବସ୍ଥାରେ ଝିଅ ରହିଥିବା ବେଳେ ଗୋଡ଼ ମାଟିରେ ଲାଗି ରହିଛି ଏବଂ ଝରକା ଖୋଲା ରହିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏହାପରେ ପୋଲିସକୁ ଖବର ଦେଇଥିଲେ। ତେଣୁ ଝିଅର ମୃତ ଉପରେ ସନ୍ଦେହ ହେଉଛି। ସେପଟେ ବିଭିନ୍ନ ପର୍ବପର୍ବାଣି ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଷ୍ଟେଜ୍‌ରେ ଅଭିନୟ ସହ ନାଚ କରିଥାନ୍ତି। ଝିଅର ଇନ୍‌ଷ୍ଟାଗ୍ରାମ୍ ଡିପିରେ ଝିଅର ପୁରୁଷ ବନ୍ଧୁର ଫଟୋ ରହିଥିବା ବେଳେ ଘଟଣାରେ ସଂପୃକ୍ତି ଥିବା ସନ୍ଦେହ କରୁଛି ପୋଲିସ। ତେବେ ଝିଅଟି ବଡସାହି ଅଞ୍ଚଳରୁ ଆସି ବାରିପଦା ତକତପୁର ଅଞ୍ଚଳରେ ରହି ପାଠ ପଢିବା ସହିତ ନୃତ୍ୟ ଅଭିନୟ କରି ରହୁଥିଲା।

ଅଗଷ୍ଟ ୨୧ରେ ବିଶେଷଜ୍ଞମାନଙ୍କ ମାନସ ମନ୍ଥନ ଓ ସେମିନାର

ଯୁବତୀ ଓ ମହିଳାଙ୍କ ଆତ୍ମାହୁତି ପ୍ରବୃତ୍ତିକୁ ରୋକିବା ପାଇଁ ନାଗରିକ ସମାଜର ପ୍ରୟାସ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱରର ଗୀତଗୋବିନ୍ଦ ସଦନ କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀରେ ନାଗରିକ ସମାଜ, ବରିଷ୍ଠ ନାଗରିକ, ବରିଷ୍ଠ ସାମ୍ବାଦିକ, ମହିଳା ଅଧିକାରୀ କର୍ମୀ ଏବଂ ଅଭିଭାବକମାନେ ଏକତ୍ରିତ ହୋଇ ଓଡ଼ିଶାରେ ଯୁବତୀ ଓ ମହିଳାଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ଆତ୍ମାହୁତି ପ୍ରବୃତ୍ତି ଏବଂ ଅସମ୍ବେଦନଶୀଳ ଓ ସମ୍ବେଦନଶୀଳ ଗଣମାଧ୍ୟମ ରିପୋର୍ଟିଂ ଦ୍ୱାରା ଏହାର ଗମ୍ଭୀରତାକୁ ସମ୍ବୋଧନ କରିଥିଲେ । ବକ୍ତାମାନେ ଉଲ୍ଲେଖ କରିଥିଲେ ଯେ ଆତ୍ମାହୁତି ପ୍ରବୃତ୍ତି-ଯାହା ପ୍ରାୟତଃ ସୋସିଆଲ ମିଡ଼ିଆରେ ଭାଇରାଲ୍ ଟ୍ରେଣ୍ଡ, ସାଙ୍ଗସାଥୀଙ୍କ ଚାପ ଏବଂ ସମାଜର ଆକ୍ଷେପ ଦ୍ୱାରା ପରିଚାଳିତ-ଯୁବତୀମାନଙ୍କ ମଧ୍ୟରେ ଗମ୍ଭୀର ମାନସିକ ଚାପ ଓ ଦୀର୍ଘକାଳୀନ ମନୋବୈଜ୍ଞାନିକ କ୍ଷତି ସୃଷ୍ଟି କରୁଛି । ଅସମ୍ବେଦନଶୀଳ ଗଣମାଧ୍ୟମ ରିପୋର୍ଟିଂ ଏହି ସମସ୍ୟାକୁ ଆହୁରି ଗମ୍ଭୀର କରୁଛି, ସମ୍ବେଦନଶୀଳ ଶିରୋନାମା ଓ ନିନ୍ଦାତ୍ମକ ବିବରଣୀ କ୍ଷତିକାରକ ଆଚରଣକୁ ସାଧାରଣୀକରଣ କରୁଛି, ଆତ୍ମ-ସମ୍ମାନ ହ୍ରାସ କରୁଛି ଏବଂ ବ୍ୟକ୍ତିଗତ ଗୌରବକୁ ହାନି ପହଞ୍ଚାଉଛି ଯାହା ରାଜ୍ୟରେ ଯୁବତୀମାନଙ୍କର

ମାନସିକ ସ୍ୱାସ୍ଥ୍ୟ ଓ ସମ୍ମାନ ଉପରେ ଗଭୀର ପ୍ରଭାବ ପକାଇ ଦିଗହରା ଭାବରେ ଆତ୍ମାହୁତି ପ୍ରବୃତ୍ତିକୁ ଆପଣେଇ ନେଉଛନ୍ତି। ଏହି ସମସ୍ୟା ଉପରେ ବିଭିନ୍ନ ସାମାଜିକ ଚିନ୍ତାଶୀଳ ବ୍ୟକ୍ତି ଓ ବୃତ୍ତିଗତ ବିଶେଷଜ୍ଞ ମାନଙ୍କ ଠାରୁ ଅଧିକ ପରାମର୍ଶ ଓ ଧାରଣା ସଂଗ୍ରହ ପାଇଁ ଗଣମାଧ୍ୟମମାନଙ୍କୁ ନୈତିକ ରିପୋର୍ଟିଂ ଏବଂ ସମ୍ବେଦନଶୀଳତା ଉପରେ ପରାମର୍ଶ ଏବ

ପକ୍ଷାତ୍ତୀୟ

31 YEARS

ସମ୍ବାଦ କଳିକା

ଭାରତ ସହ ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନା ହେବ ନାହିଁ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ଲଗାଇଥିବା ଶୁଳ୍କର ପାଲଟା ଜବାବ ଦେବ ଭାରତ। ଆମେରିକାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଭାରତ ସମାନୁପାତିକ ଭାବରେ ଟାରିଫ୍ ଲଗାଇବ। ଏ ସଂକ୍ରାନ୍ତରେ ଭାରତ ସରକାର ଅର୍ଥନୈତିଜ୍ଞମାନଙ୍କ ସହ ବିଚାରବିମର୍ଶ ଆରମ୍ଭ କରିଛନ୍ତି ଓ ଖୁବ୍ ଶୀଘ୍ର ଏ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇପାରେ ବୋଲି କୁହାଯାଉଛି। ଟାରିଫ୍ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ଭାରତ ସହ ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନା ହେବ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଡ଼ୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଭାରତ ମଧ୍ୟ ଏ ପ୍ରସଙ୍ଗରେ ଆମେରିକା ସହ ଆଉ କୌଣସି ଆଲୋଚନା ହେବ ନାହିଁ ବୋଲି ପରୋକ୍ଷରେ ଆଭାସ ଦେଇଛି। ଏହି ସମୟରେ ଭାରତ ଆମେରିକାରୁ କ୍ରୟ କରିବାକୁ ଥିବା ୩୫୦୦୦ କୋଟି ଟଙ୍କାର ବୋଇଂ କ୍ରୟକୁ ସ୍ଥଗିତ ରଖି ନିଜର ଆଭିମୁଖ୍ୟର କିଞ୍ଚିତ୍ ଆଭାସ ଦେଇଛି। ସେହିପରି ଆଗାମୀ ମାସରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ଆମେରିକା ଗସ୍ତ କାର୍ଯ୍ୟକ୍ରମ ସ୍ଥଗିତ ରହିପାରେ ବୋଲି ମଧ୍ୟ କୁହାଯାଉଛି। ଏହା ସହ ଆମେରିକା ଉପରେ ଭାରତ ଅନୁରୂପ ଭାବରେ ୫୦% ଟାରିଫ୍ ଲଗାଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଭାରତ ସରକାର ଭାରତୀୟ ରପ୍ତାନିକାରୀଙ୍କ ଦ୍ୱାରା ହୋଇଥିବା କ୍ଷତି ସହିତ ସମାନ ଅନୁପାତରେ କିଛି ଆମେରିକୀୟ ଉତ୍ପାଦ ଉପରେ ଶୁଳ୍କ ଲଗାଇବେ। ତେବେ ଏହି ନିଷ୍ପତ୍ତି ପ୍ରଧାନମନ୍ତ୍ରୀ ମୋଦୀଙ୍କ ବେଜିଂ ଗସ୍ତ କାର୍ଯ୍ୟକ୍ରମ ପରେ ହେବ। ଚଳିତ ବର୍ଷ ଫେବୃଆରୀ ମାସରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଭାରତୀୟ ଇସ୍ପାତ ଏବଂ ଆଲୁମିନିୟମ ଉପରେ ୨୫% ଶୁଳ୍କ ଲଗାଇଥିଲେ। ପରେ ଏହାକୁ ୫୦% ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଯାହା ଦ୍ୱାରା ପ୍ରାୟ ୭.୬ ବିଲିୟନ ଡଲାରର ଭାରତୀୟ ରପ୍ତାନିକୁ ପ୍ରଭାବିତ କରିଛି। ଆମେରିକାକୁ ଭାରତରୁ ବର୍ଷକୁ ପ୍ରାୟ ୨୦୦୦ କୋଟି ଟଙ୍କାର ଚିଙ୍ଗୁଡ଼ି ରପ୍ତାନୀ ହେଉଥିବାବେଳେ ଶୁଳ୍କ ବୃଦ୍ଧି ଯୋଗୁଁ ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ମାତ୍ର ୫୦ କୋଟି ଟଙ୍କାର ଚିଙ୍ଗୁଡ଼ି ରପ୍ତାନୀ ହୋଇ ପାରିଛି। ସେହିପରି ଫାର୍ମା, ଆଇଟି ଓ ପେଟ୍ରୋ କେମିକାଲ ଶିଳ୍ପମଧ୍ୟ ପ୍ରଭାବିତ ହୋଇଛି। ଭାରତ ଏହା ବିରୋଧରେ ବିଶ୍ୱ ବାଣିଜ୍ୟ ସଂଗଠନରେ ଯୁକ୍ତି ରଖିଥିଲେ ମଧ୍ୟ ଆମେରିକା ଏ ସମ୍ପର୍କରେ ଆଲୋଚନା ପାଇଁ ମନା କରି ଦେଇଛି। ଫଳରେ ଭାରତ ନିଜର ସ୍ୱାର୍ଥ ପାଇଁ ଆମେରିକା ଉପରେ ପାଲଟା ଶୁଳ୍କ ଲଗାଇବାକୁ ଯୋଜନା କରୁଛି। ପ୍ରଥମ ପର୍ଯ୍ୟାୟରେ ସୀମିତ ଆମେରିକୀୟ ସାମଗ୍ରୀ ଉପରେ ଭାରତ ଏହି ପ୍ରତିଶୋଧମୂଳକ ଶୁଳ୍କ ଲଗାଇବ। ଏହି ସାମଗ୍ରୀଗୁଡ଼ିକୁ ଏପରି ଭାବରେ ଚୟନ କରାଯିବ, ଯେପରି ଶୁଳ୍କରୁ ସୃଷ୍ଟି ହେଉଥିବା ରାଜସ୍ୱ ଆମେରିକାର ପଦକ୍ଷେପ ଦ୍ୱାରା ଭାରତୀୟ ରପ୍ତାନିକାରୀଙ୍କ କ୍ଷତି ସହିତ ସମାନ ହେବ। ଆମେରିକା ପ୍ରତିବର୍ଷ ଭାରତକୁ ୪୫ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ସାମଗ୍ରୀ ରପ୍ତାନୀ କରୁଛି। ଯେତେବେଳେ ସାମ୍ପ୍ରତିକ ଶୁଳ୍କ ଲାଗୁ ହେବା ପୂର୍ବରୁ ଭାରତର ଆମେରିକାକୁ ରପ୍ତାନି ୮୬ ବିଲିୟନ ଡଲାର ପର୍ଯ୍ୟନ୍ତ ଥିଲା। ଫେବୃୟାରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରପତି ଟ୍ରମ୍ପ୍ ଦ୍ୱିପାକ୍ଷିକ ବାଣିଜ୍ୟକୁ କାରବାର ୫୦୦ ବିଲିୟନ ଡଲାରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଥିଲେ, କିନ୍ତୁ ଭାରତ ଏହାର କୃଷି ଏବଂ ଅନ୍ୟ କେତେକ ସମ୍ବେଦନଶୀଳ କ୍ଷେତ୍ର ଉପରେ ଆମେରିକୀୟ କମ୍ପାନୀଙ୍କ ପ୍ରବେଶ ଦାବିକୁ ପ୍ରତ୍ୟାଖ୍ୟାନ କରିବାରୁ ଆମେରିକା ପ୍ରତିଶୋଧାତ୍ମକ ପଦକ୍ଷେପ ନେଇ ଭାରତ ଉପରେ ଅତ୍ୟଧିକ ଟାରିଫ୍ ଲଗାଇଛି।

ଅକ୍ଷୟ କୁମାର ରାଉତ
ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମି ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

ଓଡ଼ିଶାର ପ୍ରଥମ ବାଚସ୍ପତି

ଭାରତ ବର୍ଷର ସ୍ୱାଧିନତା ଆନ୍ଦୋଳନରେ ଅନେକ ସଂଗ୍ରାମୀ ବଳିପଡିଗଲେ। ସେମାନଙ୍କ ଭିତରୁ ଅନେକ ବିଦେଶୀ ସରକାରଙ୍କ ବିରୁଦ୍ଧରେ ଆପୋଷହୀନ ଭାବରେ ଲଢେଇ କରୁଥିଲେ। ଦେଶସେବା ଥିଲା ସେମାନଙ୍କର ଜୀବନର ବ୍ରତ। ଏହିଭଳି ଯେଉଁ କେତେଜଣ ଶେଷ ନିଃଶ୍ୱାସ ତ୍ୟାଗ ପୂର୍ବରୁ ନିଜ ନୀତିରୁ ବିଚ୍ୟୁତ ହୋଇ ନଥିଲେ। ମୁକୁନ୍ଦ ପ୍ରସାଦ ଦାସ ସେମାନଙ୍କ ଭିତରୁ ଥିଲେ ଅନ୍ୟତମ।

ବାଲେଶ୍ୱର ଜିଲ୍ଲାର ଗଣ୍ଡିବେଡ ନିକଟରେ ଏକ ଛୋଟ ଗାଁ। ପାବର୍ତୀପୁର। ଏହି ଗାଁରେ ଏକ ସଂଭ୍ରାନ୍ତ କରଣ ବଂଶରେ ୧୮୮୭ ମସିହା ଅଗଷ୍ଟ ମାସ ୧୨ ତାରିଖରେ ହର ପ୍ରସାଦ ଦାସଙ୍କ ବଡ ପୁତ୍ରରୂପେ ଜନ୍ମ ଗ୍ରହଣ କଲେ ମୁକୁନ୍ଦ ପ୍ରସାଦ। ତାଙ୍କର ଦୁଇଭାଇ ଓ ଗୋଟିଏ ଭଉଣୀ ମଧ୍ୟ ଥିଲେ। ମୁକୁନ୍ଦ ପ୍ରାସଦ ଗାଁରୁ ପାଠପଢା ଆରମ୍ଭ କରି ସୋର ମାଇନର ସ୍କୁଲରେ ପାଠପଢିଲେ। ମାଲବାହୀ ରେଳଗାଡିରେ ବସି ମାଇନର ପରୀକ୍ଷା ଦେବା ପାଇଁ ଭଦ୍ରକ ଯାଇଥିଲେ। ମୁକୁନ୍ଦ ପ୍ରସାଦ ଜଣେ କୃତି ଛାତ୍ର ଥିଲେ। ସେ ତାଙ୍କର ପିଉସାଙ୍କ ନିକଟରେ ରହି ବାଲେଶ୍ୱର ମିଶନ ସ୍କୁଲରେ ମେଟ୍ରିକ ପାଠ ପଢୁଥିଲେ। ତାଙ୍କ ପିତା ଜଣେ ପ୍ରାଥମିକ ଶିକ୍ଷକ ଥିବାରୁ ମୁକୁନ୍ଦ ପ୍ରସାଦ ପିଉସାଙ୍କ ଉପରେ ନିର୍ଭର କରୁଥିଲେ। ପିଉସା ମେସ୍ ଖର୍ଚ୍ଚ ବାବଦକୁ ଦିନକୁ ୬ ପଇସା ଦେଉଥିଲେ। ମୁକୁନ୍ଦ ପ୍ରସାଦ ଭଦ୍ରକରୁ ନୌକାରେ ଆସି କଟକରେ ମେଟ୍ରିକ ପରୀକ୍ଷା ଦେଇ ମେଟ୍ରିକ ପାସ୍ କରିଥିଲେ। ମୁକୁନ୍ଦ ପ୍ରସାଦ ଆର୍ଥିକ ଅଭାବ ଯୋଗୁ କଲେଜରେ ପଢିପାରି ନଥିଲେ। ସେ ଘରୋଇ ଭାବେ ପାଢପଢି କଲିକତାରେ ମୁକ୍ତ୍ୟାର ପରୀକ୍ଷା ଦେଇ ସଫଳାତାର ସହ କୃତକାର୍ଯ୍ୟ ହେଲେ। ବାଲେଶ୍ୱରସ୍ଥ ଝାଡେଶ୍ୱର ମନ୍ଦିର ନିକଟରେ ଗୋଟିଏ ଭଡା ଘର ନେଇ ମୁକ୍ତ୍ୟାର କାର୍ଯ୍ୟ ଆରମ୍ଭ କରିଥିଲେ। ସେ ଥିଲେ ଜଣେ ସ୍ୱାଧୀନଚେତା ନିର୍ଭୀକ ସତ୍ୟର ପୂଜାରୀ ମଣିଷ, ଅତି କମ୍ ଦିନ ମଧ୍ୟରେ ସେ ଜଣେ ନାମଜାଦା ମୁକ୍ତ୍ୟାର ଓ ଆଇନଜୀବୀ ଭାବେ ବାଲେଶ୍ୱର ଜିଲ୍ଲାରେ ପ୍ରସିଦ୍ଧ ଲାଭ କଲେ । ଥରେ କୌଣସି ଏକ କେସ୍ ସମ୍ବନ୍ଧରେ କଲିକତା ଯାଇଥିଲେ, ଯିବା ପୂର୍ବରୁ ସମସ୍ତଙ୍କୁ କହିଥିଲେ ଯଦି ଏହି କେସ୍‌ରେ ସେ ହାରି ଯାଆନ୍ତି, ତେବେ ସେ ପବିତ୍ର ଗଙ୍ଗା ନଦୀରେ ଆତ୍ମ ବିସର୍ଜନ କରିବେ, କିନ୍ତୁ ସେ କେସ୍‌ରେ ବିଜୟୀ ହୋଇ ଖୁସିରେ ଘରକୁ ଫେରିଲେ।

ଦିନେ ବାଲେଶ୍ୱରର କଲେକ୍ଟର ଦେବ ସାହେବଙ୍କୁ ଏସ୍.ଡି.ଓ.ଙ୍କ କୋର୍ଟରେ ସାକ୍ଷୀ ଦେବାକୁ ପଡିଲା। ମୁକ୍ତ୍ୟାର ଭାବେ ମୁକୁନ୍ଦ ପ୍ରସାଦ ଦେଖିଲେ ଯେ କଲେକ୍ଟର ଏସ୍.ଡି.ଓ.ଙ୍କ ନିକଟରେ ଏକ ଚଉକି ଉପରେ ବସିଛନ୍ତି। ତେଣୁ ମୁକୁନ୍ଦ ପ୍ରସାଦ କିଛି ପଚାରି ପାରିଲେନାହିଁ। ବିଳମ୍ବ ହେତୁ ଏସ୍.ଡି.ଓ. ମୁକ୍ତ୍ୟାର ମୁକୁନ୍ଦ ପ୍ରସାଦଙ୍କୁ ପଚାରିଲେ ସାହେବ ତ ଅନେକ ବେଳୁ ଆସିଲେଣି। ଆପଣ ତାଙ୍କୁ ପଚାରିବାର ଯାହା ଅଛି ଡେରି ନ କରି ପଚାରନ୍ତୁ। ମାତ୍ର ମୁକ୍ତ୍ୟାର ଜଣକ ସ୍ପଷ୍ଟ ଭାବେ କହିଲେ- କଲେକ୍ଟର ସାକ୍ଷୀଦେବା ସ୍ଥାନରେ ଛିଡା ହେଲା ପରେ ସେ ତାଙ୍କୁ କିଛି ପଚାରିବେ। ଏହି କଥାରେ କଲେକ୍ଟର ସାହେବ ରାଗି, ସାକ୍ଷୀ ଗଡାକୁ ଯାଇ ଛିଡା ହେଲେ। ଏହାପରେ ମୁକ୍ତ୍ୟାର ତାଙ୍କୁ ଜେରା କରିଥିଲେ। ଏହି ନିର୍ଭୀକ ଓ ସ୍ପଷ୍ଟବାଦୀ ମୁକ୍ତ୍ୟାର ଜଣକ ହେଉଛନ୍ତି ଆମ ଓଡିଶା ବିଧାନସଭାର ପ୍ରଥମ ବାଚସ୍ପତି ଶ୍ରୀଯୁକ୍ତ ମୁକୁନ୍ଦ ପ୍ରସାଦ ଦାସ।

ମୁକୁନ୍ଦ ପ୍ରସାଦ କଠୋର ପରିଶ୍ରମ କରି ଜଣେ ସଫଳ ସଫୋଟ ଓ ନିଷ୍ଠାପର ଆଇନଜୀବୀ ଭାବେ ଦକ୍ଷତା ପ୍ରତିପାଦନ କରି ସାରିବା ପରେ, ବିଶିଷ୍ଟ ଆଇନଜୀବୀ ଶ୍ରୀଯୁକ୍ତ ଭାଗବତ ପ୍ରସାଦ ମହାପାତ୍ରଙ୍କ କନ୍ୟା ଜାହ୍ନବୀ ଦେବୀଙ୍କୁ ବିବାହ କରିଥିଲେ। ଜାହ୍ନବୀ ଦେବୀ ଥିଲେ ଜଣେ ନାରୀ ନେତ୍ରୀ। ପରବର୍ତ୍ତୀ ସମୟରେ ସେ ମୁକୁନ୍ଦ ପ୍ରସାଦଙ୍କ ସହିତ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ।

ପରାଧିନ ଭାରତ ବର୍ଷରେ ସାଧାରଣ ଲୋକେ ଇଂରେଜ ସରକାରଙ୍କ କଠୋର କୁଶାସନ ଓ ଅନ୍ୟାୟ ଅତ୍ୟାଚାରର ସମ୍ମୁଖୀନ ହେଉଥିଲେ। ମୁକୁନ୍ଦ ପ୍ରସାଦ ଆଇନ ମାଧ୍ୟମରେ ନିର୍ଭୀକ ସ୍ୱର ଉତ୍ତୋଳନ କରି ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରୁଥିଲେ। ବିନା ଅପରାଧରେ ସରଳ ସୁନ୍ଦର ଲୋକମାନେ ନାନା କଷ୍ଟ ଭୋଗ କରୁଥିଲେ। ମୁକୁନ୍ଦ ପ୍ରସାଦ ବିନା ପଇସାରେ ଅନେକ ମକଦ୍ଦମା ଲଢି ପ୍ରକୃତ ନ୍ୟାୟ ଲୋକମାନଙ୍କୁ ଦେଇ ପାରୁଥିଲେ। ଏଥିରେ ବାଲେଶ୍ୱର କଲେକ୍ଟର, ମୁକୁନ୍ଦ ପ୍ରସାଦଙ୍କ ଉପରେ ଅସନ୍ତୁଷ୍ଟ ହୋଇ ମିଥ୍ୟା ମକଦ୍ଦମା ଦାଏର କଲେ। ଏହି ମିଥ୍ୟା ମକଦ୍ଦମାରୁ ଉଦ୍ଧାର ପାଇବା ପାଇଁ ମୁକୁନ୍ଦ ପ୍ରସାଦ ମଧୁ ବାବୁଙ୍କର ସହାୟତା ଲୋଡିଲେ। ମୁକୁନ୍ଦ ପ୍ରସାଦଙ୍କ ବିଚାର ଦିନ ବାଲେଶ୍ୱର ଅଦାଲତରେ ମଧୁବାବୁ ପହଞ୍ଚି ଦେଖିଲେ ମିଶଲରେ ଜଜ୍‌ଙ୍କ ନିକଟରେ କଲେକ୍ଟର ବସିଛନ୍ତି। ତେଣୁ କାହାକୁ କିଛି ନକହି ଡାକ ବଙ୍ଗଳକୁ ଚାଲିଗଲେ। ଏହାପରେ ଜଜ୍ ବିବ୍ରତ ହୋଇ ପେସ୍କାରଙ୍କୁ ପ୍ରକୃତ କାରଣ କଣ ବୁଝିବା ପାଇଁ ମଧୁବାବୁଙ୍କ ନିକଟକୁ ପଠାଇଲେ। ମଧୁବାବୁ ପେସ୍କାରଙ୍କୁ ଦେଖି ଚଢା ଗଳାରେ କହିଲେ -'ତୁମ ଜଜଙ୍କୁ କହିଦେବ, ସେ ବ୍ରିଶିସ୍ କ୍ରାଉନ୍‌ଙ୍କୁ ଅପମାନିତ କରିଛନ୍ତି। ଯେଉଁ ସରକାରୀ କର୍ମଚାରୀ କ୍ରାଉନଙ୍କୁ ଅପଦସ୍ତ କରେ, ସେ ସରକାରୀ କାର୍ଯ୍ୟ କରିବା ପାଇଁ ଯୋଗ୍ୟ ନୁହେଁ। ତେଣୁ ତୁମ ଜଜ୍ ତାଙ୍କ ପଦବୀରେ ରହିବା ଅନୁଚିତ'। ଜଜ୍ ମୁଦାଲାକୁ ନିଜ ପାଖରେ ମିଶଲରେ ବସାଇ ଅନ୍ୟାୟ କରିଛନ୍ତି, ତେଣୁ ମୁଁ ଚାଲି ଅସିଲି । ପେସ୍କାର ମଧୁବାବୁଙ୍କ କଥା ଜଜ୍‌ଙ୍କୁ ଜଣାଇବାରୁ ଜଜ୍ ନିଜର ଭୁଲ ବୁଝିପାରିଲେ ଓ ମଧୁବାବୁଙ୍କୁ ବଙ୍ଗଳାରେ ଦେଖାକରି ଭୁଲ ସ୍ୱୀକାର କଲେ। ଯଥା ସମୟରେ ଜଜ୍ ନିଜର ରାୟ ଘୋଷଣା କରି ମୁକୁନ୍ଦ ପ୍ରସାଦଙ୍କୁ ନିର୍ଦ୍ଦୋଷରେ ଖଲାସ କଲେ।

ମୁକୁନ୍ଦ ପ୍ରସାଦ ଛାତ୍ର ଥିବା ବେଳେ ୧୯୦୭ ମସିହାରେ ଉତ୍କଳ ୟୁନିୟନ କଂଗ୍ରେସ ଦ୍ୱାରା ପରିଚାଳିତ ଦେଶ ମିଶ୍ରଣ ଆନ୍ଦୋଳନରେ ଯୋଗ ଦେଇଥିଲେ। ବ୍ରିଟିଶ ଶାସକଙ୍କ ଅନ୍ୟାୟ, ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ସଂଗ୍ରାମ ଚଳାଇଥିଲେ। ଜଣେ ବିଶିଷ୍ଟ ସମାଜ ସେବୀ ଓ ସ୍ୱାଧୀନତା ସଂଗ୍ରାମୀ ଭାବରେ ତାଙ୍କର ପତ୍ନୀ, ପୁତ୍ର ଓ କନ୍ୟା ସମସ୍ତଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରାଇଥିଲ। ସେ ହରେକୃଷ୍ଣ ମହତାବଙ୍କର ଜଣେ ଘନିଷ୍ଠ ସହେଯାଗୀ ହୋଇଯାଇଥିଲେ। ମୁକୁନ୍ଦ ପ୍ରସାଦଙ୍କ ବାସଭବନ ପାଲଟି ଯାଇଥିଲା, କଂଗ୍ରେସର ବହୁନେତା ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଘରୋଇ ଅଫିସ୍। ତାଙ୍କ ଘରେ ମହାତ୍ମା ଗାନ୍ଧୀ, ଜୟପ୍ରକାଶ ନାରାୟଣ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପ୍ରମୁଖ ଅନେକ ବଡ ବଡ ଜାତୀୟବାଦୀ ନେତା ଅତିଥି ହୋଇଥିଲେ। ଉତ୍କଳ ସମ୍ମିଳନୀରେ ମୁକୁନ୍ଦ ପ୍ରସାଦ ଓଡିଶାର ଗମନାଗମନ, ବାଣିଜ୍ୟ ଓ ଶିକ୍ଷାର ଉପରେ ଗୁରୁତ୍ୱ ଦେଉଥିଲେ।

ଥରେ ମୁକୁନ୍ଦ ପ୍ରସାଦଙ୍କୁ ଇଂରଜ ସରକାର ରାଜଦ୍ରୋହ ଅପରାଧରେ ଅଭିଯୁକ୍ତ କଲେ। ଏହି କେସ୍‌ରେ ଲଢିବା ପାଇଁ ବିଶିଷ୍ଟ ଆଇନଜ୍ଞ ଓ ସ୍ୱାଧୀନତା ସଂଗ୍ରାମୀ ଚିତ୍ତରଂଜନ ଦାସ ଦାୟିତ୍ୱ ନେଲେ, ବହୁଦିନ ପର୍ଯ୍ୟନ୍ତ ବିଚାର ଚାଲିଲା। ଶେଷରେ ମୁକୁନ୍ଦ ପ୍ରସାଦ ନିର୍ଦ୍ଦୋଷରେ ଖଲାସ ହେଲେ।

୧୯୨୭ ମସିହାରେ ମହାତ୍ମା ଗାନ୍ଧୀ ଓଡିଶା ଗସ୍ତରେ ଆସି ଡିସେମ୍ବର ୧୪ ତାରିଖ ଦିନ ମୁକୁନ୍ଦ ପ୍ରସାଦଙ୍କ ଘରେ ଅତିଥି ହୋଇ, ବାଲେଶ୍ୱରର ବିଭିନ୍ନ ସଭାସମିତିମାନଙ୍କରେ ଭାଷଣ ଦେଇଥିଲେ । ମୁକୁନ୍ଦ ପ୍ରସାଦ ବାଲେଶ୍ୱର ଷ୍ଟେସନ ପଡିଆଠାରେ ଏକ ବିରାଟ ସଭାର ଆୟୋଜନ କରିଥିଲେ। ମହାତ୍ମା ଗାନ୍ଧୀ ଏହି ସଭାରେ ଭାଷଣ ଦେଇଥିଲେ। ଏହି ସଭାରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ, ସୁଭଦ୍ରା ମହତାବ, ନନ୍ଦକିଶୋର ଦାସ ଓ ନୀଳାମ୍ବର ଦାସ ସମେତ ବହୁ ବିଶିଷ୍ଟ ନେତା ଓ କଂଗ୍ରେସର କର୍ମୀ ଯୋଗ ଦେଇଥିଲେ। ଏହାପରେ ମୁକୁନ୍ଦ ପ୍ରସାଦ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଇନ ବ୍ୟବସାୟଙ୍କୁ ପରିତ୍ୟାଗ କରି ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ।

୧୯୨୮ ମସିହାରେ କଲିକତା ଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସର ଅଧିବେଶନରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ, କୋକିଳ ଦେବୀ, ସରଳା ଦେବୀ, ରମାଦେବୀ ଓ ସରୋଜିନୀ ଚୌଧୁରୀ ଆଦି ନାରୀ ନେତ୍ରୀମାନେ ଓଡିଶାରୁ ପ୍ରତିନିଧିତ୍ୱ କରିଥିଲେ। ୧୯୩୦ ମସିହାରେ ଇଂଚୁଡିଠାରେ ଲବଣ ସତ୍ୟାଗ୍ରହରେ ମୁକୁନ୍ଦ ପ୍ରସାଦ, ଗୋପବନ୍ଧୁ ଚୌଧୁରୀ, ମାଳତୀ ଚୌଧୁରୀ, ରମାଦେବୀ, ଜାହ୍ନବୀ ଦେବୀ ଓ କୋକିଳ ଦେବୀ ଯୋଗଦେଇଥିଲେ। ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଜାହ୍ନବୀ ଦେବୀ ଗିରଫ ହୋଇ କାରାବରଣ କରିଥିଲେ। କିନ୍ତୁ ମୁକୁନ୍ଦ ପ୍ରସାଦ ମାଜିଷ୍ଟ୍ରେଟ ଜ୍ଞାନ ବାବୁଙ୍କ ସହାୟତାରେ ଖଲାସ ହୋଇଯାଇଥିଲେ। ମୁକୁନ୍ଦ ପ୍ରସାଦଙ୍କ ସହଯୋଗରେ ୧୯୩୧ ମସିହାରେ ବାଲେଶ୍ୱରଠାରେ ଓଡିଶାର ପ୍ରଥମ ଉତ୍କଳ ମହିଳା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ଏଥିରେ ଅଭ୍ୟର୍ଥନା ସମିତିର ଅଧକ୍ଷ ଥିଲେ ଶ୍ରୀମତୀ ଜାହ୍ନବୀ ଦେବୀ । ୧୯୪୨ ମସିହାରେ 'ଭାରତଛାଡ' ଆନ୍ଦୋଳନରେ ବହୁ ନେତା ଗିରଫ ହୋଇଥିଲେ, ଏଥିରେ ମୁକୁନ୍ଦ ପ୍ରସାଦଙ୍କ ପତ୍ନୀ ଶ୍ରୀମତୀ ଜାହ୍ନବୀ ଦେବୀ କାରାବରଣ କରିଥିଲେ। ସ୍ୱାମୀ ମୁକୁନ୍ଦ ପ୍ରସାଦଙ୍କ ପ୍ରେରଣା ଯୋଗୁ ଜାହ୍ନବୀ ଦେବୀ ସ୍ୱାଧିନତା ଆନ୍ଦୋଳନରେ ବହୁବାର ଗିରଫ ହୋଇଥିଲେ। ହଜାରୀବାଗ୍ ଜେଲରୁ ଖଲାସ ହୋଇ ଓଡିଶା କଂଗ୍ରେସର ନେତାମାନେ ପ୍ରଥମେ ମୁକୁନ୍ଦ ପ୍ରସାଦଙ୍କୁ ସାକ୍ଷାତ କରୁଥିଲେ। ମୁକୁନ୍ଦ ପ୍ରସାଦ ସେମାନଙ୍କର ରହିବା, ଖାଇବ ଓ ସୁବିଧା ଅସୁବିଧାର ସମସ୍ତ ଖର୍ଚ୍ଚ ବହନ କରୁଥିଲେ। ବ୍ରିଟିଶ ସରକାରଙ୍କ ୧୯୩୫ ମସିହା ଭାରତ ଆଇନ୍ ଅନୁଯାୟୀ ଓଡିଶା ବିହାରରୁ ଅଲଗା ହୋଇ, ୧୯୩୬ ମସିହା ଏପ୍ରିଲ ପହିଲା ଦିନ ବିଧିବଦ୍ଧ ଭାବେ ଓଡିଶା ସ୍ୱତନ୍ତ୍ର ରାଜ୍ୟ ରୂପେ ଘୋଷିତ ହେଲା। ତେଣୁ ରାଜ୍ୟ ବିଧାନସଭାର ୬୦ଟି ଆସନ ନିମନ୍ତେ ନିର୍ବାଚନ କରାଗଲା। ଏହି ନିର୍ବାଚନରେ କଂଗ୍ରେସ ସଂଖ୍ୟା ଗରିଷ୍ଠତା ଲାଭ କରିଥିଲେ ମଧ୍ୟ ସଂଖ୍ୟାଲଘୁ ବିରୋଧି ଦଳର ନେତା ପାରଳାଖେମୁଣ୍ଡିର ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଓଡିଶାର ପ୍ରଧାନମନ୍ତ୍ରୀ ଓ ମୁକୁନ୍ଦ ପ୍ରସାଦ ଦାସ ପ୍ରଥମ ବାଚସ୍ପତି ଭାବରେ ନିର୍ଦ୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ରେଭେନସା କଲେଜରେ ବିଧାନସଭାର ପ୍ରଥମ ଅଧିବେଶନ ୧୯୩୭ ମସିହା ଜୁଲାଇ ୨୮ ତାରିଖ ଦିନ ବସିଥିଲା। ପ୍ରଥମ ବାଚସ୍ପତି ମୁକୁନ୍ଦ ପ୍ରସାଦ ବିଧାନସଭାର ସମସ୍ତ ସଭ୍ୟଙ୍କୁ ଠିଆହୋଇ 'ବନ୍ଦେ ମାତରମ୍' ଗାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବାଚସ୍ପତି ଭାବରେ ଓଡିଶାର ସମସ୍ତ ବିଚ୍ଛିନ୍ନ।ଚଂଳକୁ ଓଡିଶାରେ ମିଶେଇବା ପାଇଁ ଅବିରତ ଚେଷ୍ଟା ଚଳାଇଥିଲେ।ବାଚସ୍ପତି ଭାବରେ ବିଧାନସଭାରେ ବ୍ୟବହୃତ ଭାଷା ପ୍ରଶ୍ନୋତର, ତର୍କ-ବିତର୍କ ଆଦି ନିୟମ, ଆଦର୍ଶ ଓ ପରମ୍ପରା ଉପରେ ତାଙ୍କର ଗଭୀର ଦକ୍ଷତା ଥିଲା। ତାଙ୍କରଅନେକ ଉପାଦେୟ ନିଷ୍ପତ୍ତି ବିଧାନସଭାର ଗୌରବ ବୃଦ୍ଧି କରିଥିଲା। ପରବର୍ତିକାଳରେ ମୁକୁନ୍ଦ ପ୍ରସାଦ ବାଚସ୍ପତି ମାନଙ୍କ ନିମତ୍ତ ଆଦର୍ଶ ହୋଇଯାଇଥିଲେ।

୧୯୬୦ ମସିହାରେ ବିଶ୍ୱକୃଷି ପ୍ରଦର୍ଶନୀ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶାରୁ ମୁକୁନ୍ଦ ପ୍ରସାଦ ପ୍ରତିନିଧି ରୂପେ ଯୋଗଦେଇ କୃଷିର ବିକାଶ ପାଇଁ କେତେକ ସଂସ୍କାରମୂଳକ କାର୍ଯ୍ୟ କରିଥିଲେ। ତାଙ୍କ ଗ୍ରାମରେ ପ୍ରଥମେ ଜାପାନୀ କଳ ଲଙ୍ଗଳ ସାହାର୍ଯ୍ୟରେ ଚାଷ କରିଥିଲେ। କୃଷି ବ୍ୟତୀତ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି,ପରମ୍ପରା ଓ ସଙ୍ଗୀତର ବହୁ ଉନ୍ନତି ସାଧିତ କରିଥିଲେ।

কলকাতা, ৫ মে ২০২৪ বর্ষাময়ী ৭৭৩১ পুরাণো ঠাকুরদালান ৬৩ বর্ষ ৩৬ সংখ্যা ৭৮ পৃষ্ঠা ১৪ মার্চ ২০২৪ সংবাদ ৭৫ পয়সা, ‘হক ডট হিন্দী’ প্রচারের উদ্যোগ, কলকাতা ও শিলিগুড়ি কার্যালয়ে ৫ দিনের কর্মশালা শুরু হবে ৩০ মে, বৈশাখ, জ্যৈষ্ঠ এবং আষাঢ় এই তিন মাসে ৯০ জন বিশেষজ্ঞ ও লেখক তাঁদের অভিজ্ঞতা শেয়ার করবেন। ‘হক ডট হিন্দী’ প্রচারের উদ্যোগ নিয়েছে ‘হক’ বর্তমানে ৮ ভাষায় ৫০ লক্ষ মানুষ ‘হক’ পড়ছেন। ‘হক’ ই-বার্তা ‘হক ডট হিন্দী’ চালু হবে ৩ মে। ‘হক’ বর্তমানে ৮ ভাষায় ৫০ লক্ষ মানুষ পড়ছেন। ‘হক’ ই-বার্তা ৩ ভাষায় প্রকাশিত হচ্ছে।

31 YEARS
ଧ୍ୱନି ଜନନୀ
ଭୁବନେଶ୍ୱର, ୧୯ ଅଗଷ୍ଟ, ମଙ୍ଗଳବାର, ୨୦୨୫
ପୃଷ୍ଠା – ୬

ଭାରତରେ ଏଏଫ୍‌ସି ଚାମ୍ପିଅନ୍‌ସ ଲିଗ୍‌-୨ ଖେଳିବେ କ୍ରିଷ୍ଟିଆନୋ ରୋନାଲ୍‌ଡୋ !

ନୂଆଦିଲ୍ଲୀ

ପର୍ତ୍ତୁଗାଲର ବିଶ୍ୱବିଖ୍ୟାତ ଫୁଟବଲ ତାରକା କ୍ରିଷ୍ଟିଆନୋ ରୋନାଲଡୋ ଭାରତୀୟ କ୍ଲବ ସହ ଭାରତରେ ମ୍ୟାଚ୍ ଖେଳିବାର ସମ୍ଭାବନା ସୃଷ୍ଟି ହୋଇଛି । ଏଏଫ୍‌ସି ଚମ୍ପିଆନ୍‌ସ ଲିଗ୍‌-୨ରେ ପ୍ରତିନିଧିତ୍ୱ କରୁଥିବା ଭାରତୀୟ କ୍ଲବ ଏଫ୍‌ସି ଗୋଆ ସହ ସାଉଦି ଆରବର ଅଲ୍ ନାସେର କ୍ଲବ ଗୋଟିଏ ଗ୍ରୁପରେ ସ୍ଥାନ ପାଇଛନ୍ତି । ଅଲ୍ ନାସେର କ୍ଲବରେ କ୍ରିଷ୍ଟିଆନୋ ରୋନାଲ୍‌ଡୋ ଖେଳୁଛନ୍ତି । ଶୁକ୍ରବାର କ୍ୱାଲାଲାମ୍ପୁରରେ ଏଏଫ୍‌ସି ଚମ୍ପିଆନ୍‌ସ ଲିଗ୍‌-୨ର ଡ୍ର' ଘୋଷିତ ହୋଇଛି । ଏଥିରେ ଗ୍ରୁପ-ଡିରେ ୪ଟି କ୍ଲବ ଅଲ୍ ନାସେର, ଏଫ୍‌ସି ଗୋଆ, ଅଲ୍ ଜାଓ୍ୱାରା ଓ ଏଫ୍‌ସି ଇଫତିକଲ ସ୍ଥାନ ପାଇଛନ୍ତି । ଏଫ୍‌ସି ଚମ୍ପିଆନ୍‌ସ ଲିଗ-୨ରେ ଏଫ୍‌ସି ଗୋଆ ଗ୍ରୁପର ପ୍ରତି କ୍ଲବ ସହ ଦୁଇଟି ମ୍ୟାଚ ଖେଳିବେ। ସେଥି ମଧ୍ୟରୁ ଗୋଟିଏ ମ୍ୟାଚ ବାହାରେ ଓ ଅନ୍ୟ ଏକ ମ୍ୟାଚ ଘରୋଇ ପଡ଼ିଆରେ ଖେଳିବ। ଏହି ଦୃଷ୍ଟିରୁ ଅଲ୍ ନାସେର କ୍ଲବ ସହ ଗୋଟିଏ ମ୍ୟାଚ ସାଉଦି ଆରବରେ ଏବଂ ଅନ୍ୟ ମ୍ୟାଚ ଭାରତରେ ଖେଳିବ। ଫଳରେ ରୋନାଲ୍‌ଡୋ ଭାରତରେ ଭାରତୀୟ କ୍ଲବ ବିପକ୍ଷରେ ଖେଳିପାରନ୍ତି । ଏଏଫ୍‌ସି ଚାମ୍ପିଅନ୍‌ସ ଲିଗ୍‌-୨ର କାର୍ଯ୍ୟସୂଚୀ ଘୋଷିତ ହେବା ପରେ ଏହା ସ୍ପଷ୍ଟ ହେବ । ଏଏଫ୍‌ସି ଚାମ୍ପିଅନ୍‌ସ ଲିଗ-୨ ଦ୍ୱିତୀୟ ରାଉଣ୍ଡ ଆସନ୍ତା ସେପ୍ଟେମ୍ବର ୧୬ରୁ ଆରମ୍ଭ ହେବ । ଗ୍ରୁପ ପର୍ଯ୍ୟାୟ ଡିସେମ୍ବର ୨୪ ପର୍ଯ୍ୟନ୍ତ ଚାଲିବ । ୨୦୨୬ ଫେବୃୟାରୀ ୧୦ରୁ ୧୯ ପର୍ଯ୍ୟନ୍ତ ପ୍ରିକ୍ୱାର୍ଟର ଫାଇନାଲ ଖେଳାଯିବ । କ୍ରିଷ୍ଟିଆନୋ ରୋନାଲ୍‌ଡୋ ଯଦି ଭାରତରେ ମ୍ୟାଚ ଖେଳନ୍ତି, ତେବେ ଭାରତୀୟ ଫୁଟବଲରେ ଆଉ ଏକ ଐତିହାସିକ ମୁହୂର୍ତ୍ତ ଯୋଡ଼ିହେବ ।

ଏସିଆ କପ୍ ପୂର୍ବରୁ ଟିମ୍ ଇଣ୍ଡିଆକୁ ପାକିସ୍ତାନର ଧମକ

ବାବର ଓ ମହମ୍ମଦଙ୍କ ବିନା ଭାରତକୁ ପରାସ୍ତ କରିପାରିବ ପାକ୍ : ଜାଭେଦ

ନୂଆଦିଲ୍ଲୀ

ଏସିଆ କପ୍-୨୦୨୫କୁ ଆଉ କିଛି ଦିନ ବାକି ରହିଛି । ଟୁର୍ଣ୍ଣାମେଣ୍ଟରେ ଭାରତ ଓ ପାକିସ୍ତାନ ମ୍ୟାଚ୍‌କୁ ନେଇ ପ୍ରଶଂସକଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ଦେଖିବାକୁ ମିଳିଛି । ପ୍ରତିଥର ପରି ଏଥର ବି ପାକିସ୍ତାନ ପକ୍ଷରୁ ଟିମ୍ ଇଣ୍ଡିଆକୁ ପରାସ୍ତ କରିବାର ବଡ଼ ବଡ଼ କଥା କୁହାଗଲାଣି । ଏଥର ଏହି ଦାବି ପାକିସ୍ତାନ ଦଳର ପ୍ରଦର୍ଶନ ନିର୍ଦ୍ଦେଶକ ଆକିବ ଜାଭେଦ କରିଛନ୍ତି । ସେ କହିଛନ୍ତି ତାଙ୍କର ବିଶ୍ୱାସ ଯେ ବାବର ଆଜମ ଏବଂ ମହମ୍ମଦ ରିଜୱାନଙ୍କ ବିନା ପାକିସ୍ତାନ ଦଳ ଏସିଆ କପ୍‌ରେ ଭାରତକୁ ପରାସ୍ତ କରିପାରିବ ।

ଗତ ଚାରି ଥର ପାକିସ୍ତାନ ଦଳ ବହୁ-ରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ଭାରତକୁ ପରାସ୍ତ କରିପାରିନାହିଁ । ପାକ୍ ଦଳର ଏହି ଚାରୋଟି ପରାଜୟ ୨୦୨୩ ଏସିଆ କପ୍, ୨୦୨୩ ଦିନିକିଆ ବିଶ୍ୱକପ୍, ୨୦୨୪ ଟି୨୦ ବିଶ୍ୱକପ୍ ଏବଂ ୨୦୨୫ ଚାମ୍ପିଅନ୍ସ ଟ୍ରଫିରେ ଆସିଛି । ଏସିଆ କପ୍ ପାଇଁ ଚୟନ ହୋଇଥିବା ପାକିସ୍ତାନ ଦଳରେ ବାବର ଆଜମ, ମହମ୍ମଦ ରିଜୱାନ, ନସୀମ ଶାହ ଏବଂ ଶାଦାବ ଖାନଙ୍କ ପରି ବଡ଼ ନାମ ନାହିଁ ।

ଆକିବ ଜାଭେଦ ଏସିଆ କପ୍ ପାଇଁ ପାକ୍ ଦଳ ଘୋଷଣା କରିଛନ୍ତି । ଦଳ ଘୋଷଣା କରିବା ସମୟରେ ସେ କହିଛନ୍ତି, 'ଏହି ଦଳ ଏସିଆ କପରେ ଭାରତକୁ ପରାସ୍ତ କରିବାର କ୍ଷମତା ରଖିଛି । ବିଶ୍ୱାସ କରନ୍ତୁ କି ନକରନ୍ତୁ, ଭାରତ ବନାମ ପାକିସ୍ତାନ ବିଶ୍ୱ କ୍ରିକେଟର ସବୁଠାରୁ ବଡ଼ ମ୍ୟାଚ୍ । ସମସ୍ତେ ଏହା ଜାଣନ୍ତି । ଆମର ଦଳ ଯେକୌଣସି ଦଳକୁ ପରାସ୍ତ କରିପାରିବ । ଆମର ପ୍ରତ୍ୟେକ ଖେଳାଳି ପ୍ରସ୍ତୁତ ।'

ଯଦି ଏସିଆ କପରେ ଭାରତ ବନାମ ପାକିସ୍ତାନ ମ୍ୟାଚ୍ ହୁଏ, ତେବେ ଏହା କେବଳ ଏକ କ୍ରିକେଟ ମ୍ୟାଚ୍ ହେବ ନାହିଁ । ପ୍ରକୃତରେ, ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନା ଦ୍ୱାରା କରାଯାଇଥିବା ଅପରେସନ ସିନ୍ଦୁର ପରେ ଏହା ପ୍ରଥମ ଥର ହେବ ଯେତେବେଳେ ଉଭୟ ଦେଶର କ୍ରିକେଟ ଦଳ ପରସ୍ପରର ମୁହାଁମୁହିଁ ହେବେ । ଏହି କାରଣଗୁଡ଼ିକ ପାଇଁ, ଭାରତୀୟ ପ୍ରଶଂସକଙ୍କ ଭାବନା ଏହି ଭାରତ-ପାକିସ୍ତାନ ମ୍ୟାଚ୍ ସହିତ ବିଶେଷ ଭାବରେ ଜଡିତ ହେବ ।

ଭାରତ ଏବଂ ପାକିସ୍ତାନକୁ ଏସିଆ କପ୍ ୨୦୨୫ର ଗ୍ରୁପ୍ ଏ'ରେ ରଖାଯାଇଛି, ଯେଉଁଥିରେ ଓମାନ ଏବଂ ୟୁଏଇ ରହିଛି । ଟିମ୍ ଇଣ୍ଡିଆ ଏବଂ ପାକିସ୍ତାନ ମଦ୍ୟରେ ସେପ୍ଟେମ୍ବର ୧୪ରେ ମ୍ୟାଚ୍ ଖେଳାଯିବ । ଯଦି ଉଭୟ ଦଳ ସୁପର-୪ ପାଇଁ ଯୋଗ୍ୟତା ଅର୍ଜନ କରନ୍ତି, ତେବେ ଏସିଆ କପରେ ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ସେପ୍ଟେମ୍ବର ୨୧ରେ ଖେଳାଯାଇପାରିବ ।

ପ୍ୟାରିସ ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିୟନସିପ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସଟଲର ଭଗିନୀ ଋତୁପର୍ଣ୍ଣା, ଶ୍ୱେତପର୍ଣ୍ଣା

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶାର ପ୍ରଥମ ଭଗିନୀ ବ୍ୟାଡ୍‌ମିଣ୍ଟନ ଖେଳାଳି ଋତୁପର୍ଣ୍ଣା ପଣ୍ଡା ଓ ଶ୍ୱେତପର୍ଣ୍ଣା ପଣ୍ଡା ଅଗଷ୍ଟ ୨୫ରୁ ୩୧ ତାରିଖ ମଧ୍ୟରେ ପ୍ୟାରିସରେ ହେବାକୁ ଥିବା ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନସିପ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ସାକ୍ଷାତ କରିଛନ୍ତି । ଏହି ଭେଟରେ ମୁଖ୍ୟମନ୍ତ୍ରୀ ଉଭୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇ ସଫଳତା କାମନା କରିଛନ୍ତି ।

ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ଭାରତର ପ୍ରଥମ ଭଗିନୀ ଯୋଡ଼ି ଭାବେ ମହିଳା ଡବଲ୍ସରେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି । ଏହା ସହିତ ସେମାନେ ଓଡ଼ିଶାରୁ ଆସିଥିବା ପ୍ରଥମ ମହିଳା ବ୍ୟାଡ୍‌ମିଣ୍ଟନ ଯୋଡ଼ି ଭାବେ ଏକ ଗୌରବମୟ ମୁହୂର୍ତ୍ତ । ସୋସିଆଲ ମିଡିଆରେ ଏହି ଖବର ପ୍ରଶଂସା ସାଉଁଟୁଛି, ଏବଂ ଓଡ଼ିଶାବାସୀ ଏହି ଯୋଡ଼ିଙ୍କୁ ସମର୍ଥନ ଓ ଶୁଭକାମନା ଜଣାଉଛନ୍ତି ।

ଜାତୀୟ ଫୁଟବଲ ଶିବିରରୁ ବାଦ୍ ପଡ଼ିଲେ ସୁନୀଲ ଛେତ୍ରୀ

ନୂଆଦିଲ୍ଲୀ

କାଫା ନେସନ୍‌ସ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଲାଗି ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫଏଫ) ପକ୍ଷରୁ ଭାରତୀୟ ଦଳର ପ୍ରସ୍ତୁତି ଶିବିର ବେଙ୍ଗାଲୁରୁର ଡେଭିଡ୍ ପାଦୁକୋନ ସେଣ୍ଟର ଅଫ ସ୍ପୋର୍ଟସ ଉତ୍କର୍ଷ କେନ୍ଦ୍ରରେ ଆରମ୍ଭ ହୋଇଛି । ଏଆଇଏଫଏଫ ପକ୍ଷରୁ ଶିବିର ଲାଗି ୨୨ ଜଣିଆ ଖେଳାଳି ମନୋନୟନ କରାଯାଇଛି । ତେବେ ତାରକା ଫରୱାର୍ଡ ସୁନୀଲ ଛେତ୍ରୀଙ୍କୁ ମନୋନୟନ କରାଯାଇନାହିଁ । ନୂତନ ପ୍ରଶିକ୍ଷକ ଖାଲିଦ୍ ଜମିଲଙ୍କ ପ୍ରଥମ ଶିବିରରୁ ଛେତ୍ରୀ ବାଦ୍ ପଡ଼ିଛନ୍ତି । ଯାହାକୁ ନେଇ ଚର୍ଚ୍ଚା ସୃଷ୍ଟିହୋଇଛି । ଗୋଲରକ୍ଷକ ଗୁରପ୍ରୀତ ସିଂହ ସାନ୍ଧୁ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ପୂର୍ବତନ ପ୍ରଶିକ୍ଷକ

ମୋନୋଲ ମର୍କୁ୍ୟଜଙ୍କ ସମୟରେ ଗୁରପ୍ରୀତସିଂହ ଦଳରେ ସୁଯୋଗ ପାଇନଥିଲେ । ଏହାଛଡ଼ା ଗୋଲରକ୍ଷକ ଭାବେ ଅମରିନ୍ଦର ସିଂହ ଓ ହିତ୍ରିକ ତିୱାରୀ ରହିଛନ୍ତି । ଡିଫେଣ୍ଡର ଭାବେ ଆକାଶ ମିଶ୍ର, ଆଲେକ୍ସ ସାଜି, ବୋରିସ ସିଂହ ଥାଙ୍ଗଜାମ, ଚେଙ୍ଗଲେନସାନା ସିଂହ କୋନସାନ, ହିମାଙ୍ଗଥାନାମାଓ୍ୱା ରାଲେଟ, ରାହୁଲ ବେକ, ରୋଶନ ସିଂହ ନୋଇରାମ, ସନ୍ଦେଶ ଝିଙ୍ଗାନ, ସୁନୀଲ ବେଅମିନ ରହିଛନ୍ତି । ମିଡ୍‌ଫିଲଡରରେ ଆସିକ କୁରିୟାନା, ଦିନେଶ ଫାରୁକ ଭଟ୍ଟ, ନିଖିଲ ପ୍ରଭୁ, ରାହୁଲ କାନୋଲି ପ୍ରବୀଣ, ସୁରେଶ ସିଂହ ୱାଙ୍ଗଜାମ, ଉଦାନ୍ତ ସିଂହ କୁମାନ ରହିଛନ୍ତି । ଫରୱାର୍ଡରେ ଇର୍ଫାନ ୟାଡୱାର୍ଡ, ଲାଲରିନଜୁଆଲା ଚାଙ୍ଗେଟ, ରହିମ ଅଲ୍ଲୀ, ବିକ୍ରମ ପ୍ରତାପ ସିଂହ ଅଛନ୍ତି । ନୂତନ ପ୍ରଶିକ୍ଷକ ଭାବେ ଚଳିତ ଅଗଷ୍ଟ ୧୩ରେ ଖଲିଦ ଜମିଲଙ୍କୁ ୨୦୨୭ ପର୍ଯ୍ୟନ୍ତ ଦୁଇବର୍ଷ ଲାଗି ନିଯୁକ୍ତ କରାଯାଇଛି । ଭାରତୀୟ ପୁରୁଷ ଫୁଟବଲ ଦଳ ଏବେ ଫିଫା ମାନ୍ୟତାର ୧୩୩ତମ ସ୍ଥାନରେ ରହିଛି । ଦଳକୁ ମାନ୍ୟତାରେ ଉନ୍ନତି ପାଇଁ ଜମିଲ ଯୁବ ଖେଳାଳିଙ୍କୁ ପ୍ରାଧାନ୍ୟ ଦେଇ ଥିବାରୁ ଛେତ୍ରୀ ବାଦ୍ ପଡ଼ିଛନ୍ତି ।

ଜାତୀୟ କରାଟେ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର

କରାଟେ ଇଣ୍ଡିଆ ଅର୍ଗାନାଇଜେସନ (କେଆଇଓ) ଆନୁକୂଲ୍ୟରେ ଆଗାମୀ ସମସ୍ତ ଆନ୍ତର୍ଜାତୀୟ କରାଟେ ପ୍ରତିଯୋଗିତା ନିମନ୍ତେ ଏକ ଜାତୀୟ କରାଟେ ପ୍ରଶିକ୍ଷଣ ଶିବିର ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ଉଦ୍‌ଘାଟିତ ହୋଇଛି । ଜାତୀୟ ବିଜେତା କରାଟେକା ମାନଙ୍କୁ ଏହି ଶିବିରରେ ଆନ୍ତର୍ଜାତୀୟ ପ୍ରଶିକ୍ଷକ ତଥା ଦୁଇଥର ବିଶ୍ୱ ଓ ଏସିଆଡ୍ ବିଜେତା କରାଟେକ ସେନସେଇ ଅମିର ମେହେଦୀ ଜାଦେ ପ୍ରଶିକ୍ଷଣ ଦେଉଛନ୍ତି । ଖେଳାଳିଙ୍କ ଦକ୍ଷତା ପ୍ରତିପାଦନ କରିବା ନିମନ୍ତେ ବିଦେଶୀ ପ୍ରଶିକ୍ଷକଙ୍କ ଦ୍ୱାରା ପ୍ରଶିକ୍ଷଣ ଶିବିର ଆୟୋଜନ କରିବା ଉପରେ କରାଟେ ଇଣ୍ଡିଆ ଅର୍ଗାନାଇଜେସନ (କେଆଇଓ)ର ସଭାପତି ହାନସି ଭରତ ଶର୍ମା।

ଗୁରୁତ୍ୱ ପ୍ରଦାନ କରିଆସୁଛନ୍ତି । ଉତ୍କଳ କରାଟେ ସ୍କୁଲ ଠାରେ ପ୍ରଶିକ୍ଷଣ ନିମନ୍ତେ ସମସ୍ତ ଅନ୍ତର୍ଜାତୀୟ ସ୍ତରର ସୁବିଧା ସୁଯୋଗ ଥିବାରୁ ଏହି ଜାତୀୟ ପ୍ରଶିକ୍ଷଣ ଶିବିର କରାଯାଉଛି । ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିର ଅଗଷ୍ଟ ୨୮ ତାରିଖରେ ଉଦ୍‌ଯାପିତ ହେବ । ସକାଳେ ଓ ସନ୍ଧ୍ୟାରେ ଦୁଇବେଳା ପ୍ରଶିକ୍ଷଣ ଚାଲୁଥିବା ରାଜ୍ୟ କରାଟେ ସଂଘର ସମ୍ପାଦକ ଡ. ଗୌରୀ ମହାନ୍ତି ଜଣାଇଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱ ଚାମ୍ପିଅନ୍ ଅମିର ମେହେଦୀ ଜାଦେ, ସେନସେଇ ସବନ କୁମାର ଓ ଡ. ହରି ପ୍ରସାଦ ପଟ୍ଟନାୟକଙ୍କ ଉପସ୍ଥିତିରେ କରାଯାଇ ଥିଲା । ଗତ ଏସୀୟ କରାଟେ ପ୍ରତିଯୋଗିତାରେ କାଂସ୍ୟ ପଦକ ହାସଲ କରିଥିବା ପ୍ରତିଯୋଗୀମାନେ ଏହି ଶିବିରରେ ଉପସ୍ଥିତ ଅଛନ୍ତି ।

ଇଂଲଣ୍ଡର ସର୍ବକନିଷ୍ଠ ଅଧିନାୟକ ହେଲେ ଜାକବ୍ ବିଥେଲ

ଲଣ୍ଡନ୍

ଇଂଲଣ୍ଡ ପୁରୁଷ କ୍ରିକେଟ ଦଳ ସେପ୍ଟେମ୍ବରରେ ଦକ୍ଷିଣ ଆଫ୍ରିକା ଓ ଆୟରଲାଣ୍ଡ ବିପକ୍ଷରେ ସୀମିତ ଓଭର କ୍ରିକେଟ ଶୃଙ୍ଖଳା ଖେଳିବ । ଏଥିପାଇଁ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ ଭିନ୍ନଭିନ୍ନ ଦିନିକିଆ ଓ ଟ୍ୱେଣ୍ଟି୨୦ ଦଳ ଘୋଷଣା କରାଯାଇଛି । ଆୟରଲାଣ୍ଡ ବିପକ୍ଷ ଟ୍ୱେଣ୍ଟି୨୦ ଶୃଙ୍ଖଳା ଲାଗି ୨୧ ବର୍ଷୀୟ ଜାକବ୍ ବିଥେଲଙ୍କୁ ଇଂଲଣ୍ଡ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି । ବିଥେଲ ଟ୍ୱେଣ୍ଟି୨୦ ଫର୍ମାଟରେ ମାତ୍ର ୧୩ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି । ବିଥେଲ ୨୧ ବର୍ଷ ୩୨୯ ଦିନ ବୟସରେ ଇଂଲଣ୍ଡର ଅଧିନାୟକ ନିଯୁକ୍ତ ହୋଇଛନ୍ତି । ଫଳରେ ବିଥେଲ ଇଂଲଣ୍ଡ କ୍ରିକେଟ୍ ଇତିହାସରେ ୧୩୬ ବର୍ଷର କୀର୍ତ୍ତିମାନ ଭାଙ୍ଗିଛନ୍ତି । ୧୮୮୯ରେ ମାତ୍ର ୨୩ ବର୍ଷ ବୟସରେ ମଣ୍ଟି ବାଓଡେନ୍ ଇଂଲଣ୍ଡ ଟେଷ୍ଟ ଦଳର ଅଧିନାୟକ ହୋଇଥିଲେ । ଆୟରଲାଣ୍ଡ ବିପକ୍ଷ ଟ୍ୱେଣ୍ଟି୨୦ ଶୃଙ୍ଖଳା ଲାଗି କିଛି ବରିଷ୍ଠ ଖେଳାଳିଙ୍କୁ ବିଶ୍ରାମ ମିଳିଛି । ଏଥିପାଇଁ ବିଥେଲଙ୍କୁ ନେତୃତ୍ୱ

ମିଳିଛି । ଦଳରେ ନୂତନ ଖେଳାଳି ଭାବେ ଦ୍ରୁତ ବୋଲର ସନି ବେକର ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ଶୃଙ୍ଖଳାରେ ସ୍ଥାନ ପାଇଛନ୍ତି । ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ଓ ଟ୍ୱେଣ୍ଟି୨୦ ଶୃଙ୍ଖଳା ଲାଗି ହ୍ୟାରୀ ବ୍ରୁକ ଅଧିନାୟକ ନିଯୁକ୍ତ ହୋଇଛନ୍ତି । ଏହାସହ ଇଂଲଣ୍ଡ କ୍ରିକେଟ ଦଳ ଘରୋଇ ପଡ଼ିଆରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ସେପ୍ଟେମ୍ବର ୨, ୪ ଓ ୭ରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଏବଂ ସେପ୍ଟେମ୍ବର ୧୦, ୧୨ ଓ ୧୪ରେ ୩ ମ୍ୟାଚ ବିଶିଷ୍ଟ ଟ୍ୱେଣ୍ଟି୨୦ ଶୃଙ୍ଖଳା ଖେଳିବ । ପରେ ଆୟରଲାଣ୍ଡ ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ଟ୍ୱେଣ୍ଟି୨୦ ଶୃଙ୍ଖଳା ଇଂଲଣ୍ଡ ସେପ୍ଟେମ୍ବର ୧୭, ୧୯ ଓ ୨୧ରେ ଡବ୍‌ଲିନରେ ଖେଳିବ ।

ସ୍ୱାଗତ ଗେଷ୍ଟ ହାଉସରେ ସିପିଏଲ ନିଲାମି ଅନୁଷ୍ଠିତ

ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ

ଚମ୍ପୁଆ ସ୍ୱାଗତ ଗେଷ୍ଟ ହାଉସଠାରେ ଚତୁର୍ଥ ପ୍ରିମିୟର ଲିଗ୍ (ସିପିଏଲ) ନିଲାମି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତିନିଧି ସିଦ୍ଧାର୍ଥ ସିଂ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଜେପି ଏନଏସି ସଭାପତି ସନ୍ତୋଷ ସାହୁ, ସିପିଏଲ ସଭାପତି ଅରୁଣ ପତି, ସମ୍ପାଦକ ପବିତ୍ର କୁମାର ନାୟକ, ସାମ୍ବାଦିକ ପ୍ରଦୀପ ପ୍ରଧାନ, ମହେଶ୍ୱର ଦାସ, ଆବିଦ ଆନସାରୀ, ମାନବ ଅଧିକାର କର୍ମୀ ଏମ୍‌ଡି ମୁସତାକ, ଏମ୍‌ଡି ହାବ, ଏମ୍‌ଡି ବାବୁ, ସର୍ଫରାଜ ଆଲାମ, ଏମ୍‌ଡି ଜସିମ ଆଖତାର, ସଦାମ ହୁସେନ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଆଠଟି ଦଳ ଅଂଶଗ୍ରହଣ କରୁଥିଲାବେଳେ ପ୍ରତି ଦଳରେ ପନ୍ଦର ଜଣ ଲେଖାଏଁ ଖେଳାଳି ଏପରି ୧୨୦ ଖେଳାଳିଙ୍କୁ ଏଥିରେ ନିଲାମିରେ ନିଆଯିବାକୁ ସ୍ଥିର କରାଯାଇଥିଲା । ଏଥିରେ ପ୍ରାୟ ୧୫୦ ଜଣ ଖେଳାଳି ପଞ୍ଜିକରଣ କରିଥିଲେ । ସ୍ଥାନୀୟ ଖେଳାଳି ଏବଂ ଜିଲ୍ଲା ବାହାର ଓ ପ୍ରଦେଶ ସ୍ତରର ଖେଳାଳିଙ୍କୁ ନିର୍ଦ୍ଧାରିତ ଦରରେ ଟିମ୍ ନିଲାମ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଥିଲା । ଏଥିରେ ମାଲିକ ସାୟାନ ଏକାଦଶର ସଦାମ, ମାରୁତି ଏକାଦଶର କାଳିଚରଣ, ଅମାନତ ଏକାଦଶର ଏମ୍‌ଡି ମୁସତାକ, ଏକେଏଫ କ୍ଲବର ସନ୍ଟୁ, ଏସଏଫସି ଜୟନ୍ତିଗଡ ଏକାଦଶର ସନ୍ଟୁ, ଏସଏଫସି ୱାରିୟର ଏକାଦଶ ସୌରଭ, କେଏଚ ଫୁଟ୍ ଏକାଦଶ ଖଲିଦ, ଆରୁଷ ଏଣ୍ଡ ବିନ୍ଦାସ ଏକାଦଶର ଆମଜାଦ ଏଣ୍ଡ ସାହାବାଜ ପ୍ରମୁଖ ଏହି ଆଠଟି ଟିମ୍ ଏଥିରେ ଅଂଶ ଗ୍ରହଣ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମକୁ ଏମ୍‌ଡି ଫାଇମ ଖାନ, ତଜମିଲ ଆଲାମ, ଜାକି ଅହମ୍ମଦ, ହାମରାଜ, ତକମିଲ ଆଲାମ, ବୁଲବୁଲ ଭାଇ, ଏମଡି ଆମିର, ଏମଡି ଜବ୍ବର ପ୍ରମୁଖ ପରିଚାଳନାରେ ସହଯୋଗିତା କରିଥିଲେ । ଉକ୍ତ କ୍ରୀଡ଼ା ଆସନ୍ତା ସେପ୍ଟେମ୍ବର ମାସରେ ହେବାକୁ ଥିବା ନେଇ ସଭାପତି ଅରୁଣ ପତି ସୂଚନା ଦେଇଛନ୍ତି ।

ବୁଚି ବାବୁ କ୍ରିକେଟ୍ ଲାଗି ମହାରାଷ୍ଟ୍ର ଦଳରେ ପୃଥ୍ୱୀ ସ'

ନୂଆଦିଲ୍ଲୀ

ଭାରତୀୟ ବ୍ୟାଟର ଋତୁରାଜ ଗାଏକ୍ୱାଡ ଓ ପୃଥ୍ୱୀ ସ' ସର୍ବ ଭାରତୀୟ ବୁଚି ବାବୁ ଆମନ୍ତ୍ରଣ କ୍ରିକେଟ୍ ପ୍ରତିଯୋଗିତା ଲାଗି ଘୋଷିତ ମହାରାଷ୍ଟ୍ର ଦଳରେ ସ୍ଥାନ ପାଇଛନ୍ତି । ମୁମ୍ବାଇ ଛାଡ଼ିବା ପରେ ଏହା ସ'ଙ୍କ ମହାରାଷ୍ଟ୍ର ପକ୍ଷରୁ ପ୍ରଥମ ପ୍ରତିଯୋଗିତା ହେବ । ଫିଟ୍‌ନେସ୍ ସହ ବିଭିନ୍ନ କାରଣରୁ ମୁମ୍ବାଇ ସହ ଗତ ଋତୁରେ ଖରାପରେ ଯାଇଥିବାରୁ ଚଳିତ ଋତୁ ଭଲ ଆରମ୍ଭ କରିବା ଲକ୍ଷ୍ୟରେ ରହିଛନ୍ତି ୨୫ ବର୍ଷୀୟ ସ'। ଗାଏକ୍ୱାଡ ଓ ୱିକେଟ୍‌ରକ୍ଷକ ସୌରଭ ନାୱାଲେ ଦଲୀପ ଟ୍ରଫି ଲାଗି

ପଶ୍ଚିମାଞ୍ଚଳ ଦଳରେ ସ୍ଥାନ ପାଇ ଥିବାରୁ ବୁଚି ବାବୁ ପ୍ରତିଯୋଗିତାରେ ଗୋଟିଏ ମ୍ୟାଚ୍ ଖେଳିବା ପରେ ଫେରିଆସିବେ ।

ମହାରାଷ୍ଟ୍ର ଦଳ : ଅଙ୍କିତ ବାୱେଁ (ଅଧିନାୟକ), ଋତୁରାଜ ଗାଏକ୍ୱାଡ୍, ପୃଥ୍ୱୀ ସ', ସିଦ୍ଧେଶ ବୀର, ସଚିନ ଧାସ୍, ଅର୍ଶିନ କୁଲକର୍ଣ୍ଣି, ହର୍ଷଲ କାଟେ, ସିଦ୍ଧାର୍ଥ ମହାତ୍ରେ, ସୌରଭ ନାୱାଲେ (ୱିକେଟ୍‌ରକ୍ଷକ), ମନ୍ଦର ଭଣ୍ଡାରୀ (ୱିକେଟ୍‌ରକ୍ଷକ), ରାମକୃଷ୍ଣ ଘୋଷ, ମୁକେଶ ଚୌଧୁରୀ, ପ୍ରଦୀପ ଦାଢ଼େ, ବିକି ଓସ୍ୱାଲ, ହିତେଶ ୱାଲୁଞ୍ଜ, ପ୍ରଶାନ୍ତ ସୋଲାଙ୍କି, ରାଜବର୍ଦ୍ଧନ ହାଙ୍ଗାରଗେକର ।

ଦେବଲରେ ଶ୍ରାବଣୀ ଉପାକ୍ରମ ଉଦ୍‌ଯାପିତ

ଧାମନଗର, ନ୍ୟୁଜ୍‌ବ୍ୟୁରୋ

ଧାମନଗର ବ୍ଲକ ଦୋବଲ ସ୍ଥିତ ବୈଦିକ ଯଜ୍ଞ ସତ୍‌ସଙ୍ଗ ସମିତି

31 YEARS
ସମୟ ଜନିକା
ଭୁବନେଶ୍ୱର, ୧୯ ଅଗଷ୍ଟ ୨୦୨୫ ମଙ୍ଗଳବାର

ଗନ୍ଧମାର୍ଦ୍ଦନ ଅଞ୍ଚଳ ପରିଦର୍ଶନ କରିବାକୁ ରାଷ୍ଟ୍ରପତିଙ୍କୁ ଆମନ୍ତ୍ରଣ କଲେ ପ୍ରଦୀପ ପୁରୋହିତ

ବରଗଡ, ନ୍ୟୁଜ ବ୍ୟୁରୋ

ଗନ୍ଧମାର୍ଦ୍ଦନ ଅଂଚଳ ପରିଦର୍ଶନ କରିବାକୁ ମହାମହିମ ରାଷ୍ଟ୍ରପତିଙ୍କୁ ଆମନ୍ତ୍ରଣ କଲେ ସାଂସଦ ପ୍ରଦୀପ ପୁରୋହିତ । ଆଜି ରାଷ୍ଟ୍ରପତି ଭବନରେ ମହାମହିମଙ୍କୁ ଭେଟି ନିମନ୍ତ୍ରଣ କଲେ ପ୍ରଦୀପ ପୁରୋହିତ । ଏହାସହ ପର୍ବତରେ ଥିବା ନୃସିଂହନାଥ ମନ୍ଦିର ଆସିବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଆମନ୍ତ୍ରଣ କଲେ ବରଗଡ଼ ସାଂସଦ । ସାକ୍ଷାତ ସମୟରେ ଗନ୍ଧମାର୍ଦ୍ଦନକୁ ନେଇ ହୋଇଥିବା ଐତିହାସିକ ଆନ୍ଦୋଳନକୁ ନେଇ ଦ୍ରୌପଦୀ ମୁର୍ମୁଙ୍କ ସହ ଆଲୋଚନା କରିଥିଲେ । ଦେଶ ସ୍ୱାଧୀନ ହେବା ପରେ ଉତ୍ତରାଖଣ୍ଡର ଚିପକ୍କୋ ଆନ୍ଦୋଳନ ଓ କେରଳର ସାଇଲେଣ୍ଟ ଭାଲି ଆନ୍ଦୋଳନ ପରେ ଗନ୍ଧମାର୍ଦ୍ଦନ ଆନ୍ଦୋଳନ ହେଉଛି ତୃତୀୟ ଜନ ଆନ୍ଦୋଳନ । ଏହି ଆନ୍ଦୋଳନ ଫଳରେ ପରିବେଶ ସହ ଜନଜାତି ମାନଙ୍କୁ ସୁରକ୍ଷା ମିଳିପାରିଥିଲା । ଏହି କ୍ରମରେ ୧୯୮୦ ତକ୍ଳାଳୀନ

କଂଗ୍ରେସ ସରକାର ସମୟରେ ଐତିହାସିକ ବାଲକୋ ଆନ୍ଦୋଳନ ହୋଇଥିଲେ । ଏଥିରେ ୫୦ ହଜାରରୁ ଅଧିକ ଜନଜାତି, ସାଧୁସନ୍ଥ, ବୁଦ୍ଧିଜୀବୀଙ୍କ ସହ ସ୍ଥାନୀୟ ବାସିନ୍ଦା ସାମିଲ ହୋଇଥିଲେ । ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ବର୍ତ୍ତମାନର ସାଂସଦ ପ୍ରଦୀପ ପୁରୋହିତ । ଆନ୍ଦୋଳନରେ ଗନ୍ଧମାର୍ଦ୍ଦନର ପବିତ୍ରତା ଓ ପରିବେଶ ବଞ୍ଚାଇବାରେ ସେ ଐତିହାସିକ ଭୂମିକା ନେଇଥିଲେ । ଯାହାଫଳରେ ଗନ୍ଧମାର୍ଦ୍ଦନ ଓ ଏଠାକାର ବାସିନ୍ଦାଙ୍କୁ ସୁରକ୍ଷା ଦିଆଯାଇପାରିଥିଲେ । ଆଜି ବି ଗନ୍ଧମାର୍ଦ୍ଦନ ଅଂଚଳ ଓ ଆଖପାଖରେ ୫୦ ହଜାରରୁ ଅଧିକ ଆଦିବାସୀ ଏବଂ ଗ୍ରାମବାସୀ ବସବାସ କରୁଛନ୍ତି । ଯେଉଁମାନଙ୍କର ଜୀବିକା ଜଙ୍ଗଲ, ଔଷଧୀୟ ବୃକ୍ଷ ଓ ପ୍ରାକୃତିକ ପରିବେଶ ଉପରେ ଆଧାରିତ । ଦୁର୍ଭାଗ୍ୟବଶତଃ ଆଜି ବି ଏମାନେ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ବହୁ ପଛରେ ଅଛନ୍ତି । ଯଦି ଏଠାରେ ଆଧ୍ୟାତ୍ମିକ ପର୍ଯ୍ୟଟନ, ପରିବେଶ ପର୍ଯ୍ୟଟନ ଓ ଅଂଚଳର ବିକାଶ ହୋଇପାରିଲେ ଏହି ଅଂଚଳ ନୂଆ ପରିଚୟ ସୃଷ୍ଟି ପାଇପାରିବ ବୋଲି ରାଷ୍ଟ୍ରପତିଙ୍କୁ ଜଣାଇଛନ୍ତି ପ୍ରଦୀପ ପୁରୋହିତ । ଆଦିବାସୀ ସଂସ୍କୃତି ସହ ଗନ୍ଧମାର୍ଦ୍ଦନ ପର୍ବତ ଯୋଡ଼ି ହୋଇ ରହିଥିବାରୁ ଅନୁକୂଳ ସମୟ ଦେଖି ପର୍ବତରେ ଥିବା ନୃସିଂହନାଥ ମନ୍ଦିର ଆଗମନ ପାଇଁ ଦ୍ରୌପଦୀ ମୁର୍ମୁଙ୍କୁ ବିନମ୍ର ନିବେଦନ କରିଛନ୍ତି ବରଗଡ଼ ସାଂସଦ । ରାଷ୍ଟ୍ରପତିଙ୍କ ଆଗମନ ଏହି ଅଂଚଳ ପାଇଁ ଐତିହାସିକ ଓ ଅବିସ୍ମରଣୀୟ ହେବ ବୋଲି କହିଛନ୍ତି ବରଗଡ଼ ସାଂସଦ । ରାଷ୍ଟ୍ରପତି ଗନ୍ଧମାର୍ଦ୍ଦନ ଆସିବା ନେଇ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି । ରାଷ୍ଟ୍ରପତିଙ୍କୁ ସାକ୍ଷାତ ସମୟରେ ସାଂସଦ ପ୍ରଦୀପ ପୁରୋହିତଙ୍କ ସହ ତାଙ୍କ ଧର୍ମପତ୍ନୀ ପ୍ରତିମା ପୁରୋହିତ, ଦ୍ୱାରିକା ପ୍ରସାଦ ପଣ୍ଡା ଓ ଅନ୍ନପୂର୍ଣ୍ଣା ପଣ୍ଡା ଉପସ୍ଥିତ ଥିଲେ ।

କିମ୍ସରେ ଗମ୍ଭୀର ବୃକ୍କ ଆଘାତ ଉପରେ ସିଏମଇ ଅନୁଷ୍ଠିତ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

କିମ୍ସ ନେଫ୍ରୋଲୋଜି ବିଭାଗ, ଗମ୍ଭୀର ବୃକ୍କ ଆଘାତ (ଏକେଆଇ) ଉପରେ ଦ୍ୱିତୀୟ ନିରନ୍ତର ଡାକ୍ତରୀ ଶିକ୍ଷା (ସିଏମଇ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶା ତଥା ରାଜ୍ୟ ବାହାରୁ ଶହେରୁ ଅଧିକ ଡାକ୍ତର ଓ ବିଶେଷଜ୍ଞ ଯୋଗଦେଇ ଏକେଆଇକୁ ନେଇ ବଢୁଥିବା ଚ୍ୟାଲେଞ୍ଜ ଉପରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏମ୍ସ ନୂଆଦିଲ୍ଲୀର ପ୍ରଫେସର ଡା ଦୀପଙ୍କର ଭୌମିକ, ପିଜିଆଇ ଚଣ୍ଡିଗଡ଼ର ପ୍ରଫେସର ଡା ରାଜା ରାମଚନ୍ଦ୍ରନ, ଷ୍ଟାନଲି ମେଡିକାଲ କଲେଜ ଡା ଏଡୱିନ୍ ଫର୍ଣ୍ଣାଣ୍ଡୋ, ନଦିଆଦର ପ୍ରଫେସର

ଡା ଶିଶିର ଗ୍ୟାଙ୍ଗ, ଇଣ୍ଡିଆନ୍ ସୋସାଇଟି ଅଫ୍ ଅର୍ଗାନ୍ ଟ୍ରାନ୍ସପ୍ଲାଣ୍ଟେସନ୍‌ର ସଭାପତି ପ୍ରଫେସର ଡା ଅର୍ପିତା ରାୟ ଚୌଧୁରୀ ଏବଂ ଚେନ୍ନାଇର ବିଶିଷ୍ଟ ନେଫ୍ରୋପାଥୋଲୋଜିଷ୍ଟ ଡା ଅନିଲା ଆବ୍ରାହମ ଯୋଗଦେଇ ଏକେଆଇ ଅନ୍ତର୍ନିହିତ ବକ୍ତୃତା ଓ ପ୍ୟାନେଲ୍ ଆଲୋଚନା କରିଥିଲେ ।

ସାଧାରଣତଃ ଏକେଆଇ ମୋଟ ଜନସଂଖ୍ୟାର ୧୦ରୁ୧୫ ପ୍ରତିଶତ ଏବଂ ପ୍ରାୟ ୫୦ ପ୍ରତିଶତ ଆଇସିୟୁ ରୋଗୀଙ୍କୁ ପ୍ରଭାବିତ କରିଥାଏ । ଏହା ହେଲେ ରୋଗୀ ମୃତ୍ୟୁହାର ଏବଂ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଇଥାଏ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଥିଲେ ।

ଏଥିରେ କିମ୍ସ ପରାମର୍ଶଦାତା ଡା ଆର.ଏନ. ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ଡା. ସିବିକେ ମହାନ୍ତି, କିମ୍ସ ମେଡିକାଲ୍ କଲେଜ ଅଧକ୍ଷ ଡା. ଆର.ସି. ଦାସ, କିମ୍ସ ମେଡିକାଲ୍ ଅଧୀକ୍ଷକ ପ୍ରଫେସର ଡା ମାନସ ବେହେରା, କିମ୍ସ ନେଫ୍ରୋଲୋଜି ବିଭାଗ ମୁଖ୍ୟ ଡା ନିକୁଞ୍ଜ କିଶୋର ରାଉତ ଓ ବିଶିଷ୍ଟ ନେଫ୍ରୋଲୋଜିଷ୍ଟ ଅଶ୍ୱିନୀ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ନିରନ୍ତର ଗୁଣାତ୍ମକ ଡାକ୍ତରୀ ଶିକ୍ଷାର ଗୁରୁତ୍ୱ, ପ୍ରତିରୋଧ ରଣନୀତି, ପ୍ରାରମ୍ଭିକ ଏକେଆଇ ଚିହ୍ନଟରେ ନୂତନ ବାୟୋମାର୍କରଙ୍କ ଭୂମିକା ଓ ଶିଶୁ ଜନସଂଖ୍ୟାକୁ ସୁରକ୍ଷା ଦେବାର ଆବଶ୍ୟକତା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ସେପ୍ଟେମ୍ବରରୁ ଓଡ଼ିଶାରେ...

ଜୋର ଧରିଛି ରାଜନୀତି । କଂଗ୍ରେସ ଏପ୍ରସଙ୍ଗରେ ନିର୍ବାଚନ ଆୟୋଗଙ୍କୁ ଟାର୍ଗେଟ କରୁଥିବା ବେଳେ ମାମଲା ସୁପ୍ରିମକୋର୍ଟରେ ମଧ୍ୟ ପହଞ୍ଚିଲାଣି । ଅବଶ୍ୟ ସର୍ବୋଚ୍ଚ ଅଦାଲତ ନିର୍ବାଚନ ଆୟୋଗଙ୍କୁ ବିହାରରେ ଭୋଟର ତାଲିକାରୁ ହଟା ଯାଇଥିବା ୬୫ ଲକ୍ଷ ଭୋଟରଙ୍କ ନାଁ ଜାରି କରିବାକୁ ଆଦେଶ ଦେଇଛନ୍ତି ।

ଓଡ଼ିଶାରେ ପ୍ରତିଷ୍ଠା ହେବ...

ନେତୃତ୍ୱ ସହ ଏକାଠି କରୁଛି । ଏହା ଘରୋଇ ଓ ରପ୍ତାନୀ ବଜାର ପାଇଁ ଏକ ବିଶ୍ୱସ୍ତରୀୟ ଉତ୍ପାଦନ କେନ୍ଦ୍ର ଗଢ଼ିବ।" ପୋସ୍କୋ ହୋଲ୍ଡିଂସର ପ୍ରତିନିଧି ନିର୍ଦ୍ଦେଶକ ଓ ସଭାପତି ଲି ଜୁ-ତାଏ କହିଛନ୍ତି, "ଭାରତ ବିଶ୍ୱ ଷ୍ଟିଲ ଚାହିଦାର ଭବିଷ୍ୟତ ପାଇଁ କେନ୍ଦ୍ରସ୍ଥଳ। ଏହି ସହଯୋଗ ଭାରତର ଶିଳ୍ପ ବିକାଶକୁ ସମର୍ଥନ କରିବ ଓ ଉଭୟ ସଂସ୍ଥା ପାଇଁ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବ।" ଏହି ପ୍ରକଳ୍ପ ଓଡ଼ିଶାରେ ଶିଳ୍ପ ବିକାଶ ଓ ବ୍ୟାପକ ରୋଜଗାର ବା ନିଯୁକ୍ତି ସୃଷ୍ଟି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଆଶା କରାଯାଉଛି ।

ନଭେମ୍ବରରୁ ପିଏମ୍ ଆବାସ...

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡେ ପାଇବାକୁ ଅପେକ୍ଷା କରିଥିବା ଲକ୍ଷ ଲକ୍ଷ ଗରିବ ପରିବାରଙ୍କ ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଉଛି । ବାସହୀନ ଲୋକମାନଙ୍କୁ ପର୍ଯ୍ୟାୟ କ୍ରମେ ଦିଆଯିବ ଆବାସ ଘର । ଭାଗ ହୋଇଥିବା ଏବଂ ଭିନ୍ନକ୍ଷମ ହିତାଧିକାରୀଙ୍କୁ ମଧ୍ୟ ଘର ଦେବେ ସରକାର। ଏହାସହ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଅନ୍ତ୍ୟୋଦୟ ଯୋଜନାରେ ହିତାଧିକାରୀଙ୍କୁ ଘର ବାଣ୍ଟିବେ ସରକାର। ପରେ ପର୍ଯ୍ୟାୟ କ୍ରମେ ଘର ପାଇବେ ହିତାଧିକାରୀ ।

ଖୁବ୍ ଶୀଘ୍ର ନିଯୁକ୍ତ...

ନିଯୁକ୍ତି ପାଇବେ। ରାଜ୍ୟର ସମସ୍ତ ସ୍ଥାନରେ ଉପଯୁକ୍ତ ସଂଖ୍ୟାରେ ମେଡିକାଲ ଅଫିସର ନିଯୁକ୍ତି ନିମନ୍ତେ ସୁବ୍ୟବସ୍ଥାକରଣ ପ୍ରକ୍ରିୟା କରାଯିବା ସହିତ ଆଦିବାସୀ ଅଧୁଷିତ ଅଞ୍ଚଳ ମାନଙ୍କରେ ଅଧିକରୁ ଅଧିକ ଡାକ୍ତର ନିଯୁକ୍ତି ପ୍ରଦାନ କରିବା ପାଇଁ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ମେଡିକାଲ କଲେଜରେ ଖାଲି ପଡ଼ିଥିବା ଆସିଷ୍ଟାଣ୍ଟ ପ୍ରଫେସର, ଆସୋସିଏଟ ପ୍ରଫେସର ଏବଂ ପ୍ରଫେସର ପଦବୀ ଖୁବ୍ ଶୀଘ୍ର ରାଜ୍ୟ ସରକାର ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ବିଭିନ୍ନ ମେଡିକାଲ କଲେଜରେ ପି.ଜି. ସିଟ୍ ସଂଖ୍ୟା ବୃଦ୍ଧି, ମେଡିକାଲ କଲେଜର ଭିତ୍ତିଭୂମି ବିକାଶ, ସ୍ୱାସ୍ଥ୍ୟ ସେବା ଛଡ଼ା ଅନ୍ୟାନ୍ୟ ଆବଶ୍ୟକୀୟ ପଦବୀ ପୂରଣ ଓ ଟେକ୍ନିକାଲ ଷ୍ଟାଫ୍‌ଙ୍କ ନିଯୁକ୍ତି ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀ ଉକ୍ତ ବୈଠକରେ ଆଲୋଚନା କରି ଏଥି ନିମନ୍ତେ ବିଭାଗୀୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ଇଣ୍ଟିଗ୍ରେଟେଡ୍ ଟ୍ରାଉମା କେୟାର ସେଣ୍ଟର ସ୍ଥାପନ ପାଇଁ ଗୁରୁତ୍ୱ ଦେବା, ଯେଉଁ ସ୍ଥାନକୁ ଡାକ୍ତରମାନେ ଯିବାପାଇଁ ଅରାଜି ହେଉଛନ୍ତି ସେହି ସ୍ଥାନ ମାନଙ୍କରେ ଡାକ୍ତରଙ୍କ ପ୍ରୋତ୍ସାହନ ରାଶି ବୃଦ୍ଧି କରିବା ଏବଂ ଆୟୁଷ ଡାକ୍ତରଙ୍କ ବିଭିନ୍ନ ସମସ୍ୟା ବିଷୟରେ ଏହି ଆଲୋଚନା ହୋଇଥିଲା। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଡାକ୍ତରଙ୍କ ସମସ୍ୟା, ନିଯୁକ୍ତି, ବେତନ, ମେଡିକାଲ ଶିକ୍ଷାରେ ସିଟ ବୃଦ୍ଧି ଭଳି ବିଭିନ୍ନ ବିଷୟ ଉପରେ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବାପାଇଁ ମୁଖ୍ୟମନ୍ତ୍ରୀ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ସଚିବ, ଅଶ୍ୱଥି ଏସ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଡଃ ବୃନ୍ଦା ଡ଼ି, ଓଡ଼ିଶା ଷ୍ଟେଟ୍ ମେଡିକାଲ୍ କର୍ପୋରେସନ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶିକା ଡଃ ପୋମା ଟୁଡୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

ଟ୍ରମ୍ପଙ୍କ ସହ ମିଟିଂ ସମ୍ପର୍କରେ...

ଅଗଷ୍ଟ ୧୫ରେ ୟୁକ୍ରେନ ଯୁଦ୍ଧ ସମ୍ପର୍କରେ ଟ୍ରମ୍ପ ଓ ପୁଟିନ ଦୀର୍ଘ ୩ ଘଣ୍ଟା କାଳ ଆଲାସ୍କାରେ ଆଲୋଚନା କରିଥିଲେ। ବୈଠକ ସକାରାତ୍ମକ ରହିଥିଲେ ହେଁ ଯୁଦ୍ଧ ବନ୍ଦ ପାଇଁ ଉଭୟ ନେତା କୌଣସି ପ୍ରକାରର ଘୋଷଣା କରି ନଥିଲେ। ତେବେ ଖୁବଶୀଘ୍ର ୟୁକ୍ରେନ ସହ କଥା ହୋଇ ଟ୍ରମ୍ପ ବଡ଼ ଘୋଷଣା କରିବେ ବୋଲି ସଙ୍କେତ ଦେଇଛନ୍ତି।

ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଏନ୍‌ଡିଏର...

ଆମ ଦେଶକୁ ସମୃଦ୍ଧ କରିବ। ସେ ସର୍ବଦା ଦେଖାଇଥିବା ସମର୍ପଣ ଏବଂ ଦୃଢ଼ତାର ସହିତ ଦେଶ ସେବା ଜାରି ରଖନ୍ତୁ।' ପ୍ରାର୍ଥୀ ଘୋଷଣା ହେବା ପରେ ରବିବାର ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ଜାତୀୟ ଗଣତାନ୍ତ୍ରିକ ମେଞ୍ଚ (ଏନଡିଏ) ଉପରାଷ୍ଟ୍ରପତି ପ୍ରାର୍ଥୀ ସିପି ରାଧାକୃଷ୍ଣନ ସର୍ବଦା ଉପେକ୍ଷିତ ଲୋକଙ୍କୁ ସଶକ୍ତ କରିବା ଉପରେ ଧ୍ୟାନ ଦେଇଥିଲେ ଏବଂ ତାଙ୍କର ସମର୍ପଣ, ନମ୍ରତା ଓ ବୁଦ୍ଧିମତ୍ତା ସହିତ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ରାଧାକୃଷ୍ଣନ ତାମିଲନାଡୁରେ ତୃଣମୂଳ ସ୍ତରରେ ବ୍ୟାପକ କାର୍ଯ୍ୟ କରିଥିଲେ। ଏନଡିଏ ପରିବାର ତାଙ୍କୁ ମେଞ୍ଚର ଉପରାଷ୍ଟ୍ରପତି ପ୍ରାର୍ଥୀ ଭାବରେ ମନୋନୀତ କରିଥିବାରୁ ସେ ଖୁସି ଥିବା କହିଥିଲେ ପିଏମ ମୋଦୀ। ସେପଟେ ବିରୋଧୀ ଦଳଗୁଡ଼ିକ ଏନଡିଏ ପ୍ରାର୍ଥୀଙ୍କୁ ସମର୍ଥନ କରିବେ ବୋଲି ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା ଆଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଆମେ ଚାହୁଁଛୁ ପରବର୍ତ୍ତୀ ଉପରାଷ୍ଟ୍ରପତି ସର୍ବସମ୍ମତିକ୍ରମେ ନିର୍ବାଚିତ ହୁଅନ୍ତୁ। ଏଥିପାଇଁ ଆମେ ବିରୋଧୀ ନେତାମାନଙ୍କ ସହିତ ଯୋଗାଯୋଗ କରିଛୁ।

ବରଗଡ଼ରେ ବିଜେଡିର...

କୁହାଯାଉଥିବା ବେଳେ ରାଜ୍ୟରୁ କେନ୍ଦ୍ର ସରକାର ପ୍ରତିଶ୍ରୁତି ମୁତାବକ ଚାଉଳ ନ ଉଠାଇବା, କୃଷି ଅଭିବୃଦ୍ଧି ହାର ହ୍ରାସ ପାଇବା, କେନ୍ଦ୍ରରୁ କୃଷି ଅନୁଦାନ ହ୍ରାସ, ମଣ୍ଡିଗୁଡ଼ିକରେ କଟ୍‌ନାଛଟ୍‌ନୀ, ଦଲାଲରାଜ ଚାଲିବା, ସାର, କୀଟନାଶକ ସଂକଟ ସହିତ ଏହାର କଳାବଜାର ହେବା ଘଟଣା ଡବଲ ଇଞ୍ଜିନ ସରକାରଙ୍କ ଚାଷୀ ବିରୋଧୀ ନୀତିକୁ ପଦାରେ ପକାଇ ଦେଇଛି ବୋଲି ବିଜେଡି ଅଭିଯୋଗ କରିଛି ।

ଖୁବ୍‌ଶୀଘ୍ର ସନ୍ତାନ ଜନ୍ମ...

ଜାରି ରଖିଛି । ଯେଉଁ ବୈଷୟିକ ଉପାୟରେ ଏସବୁ କାର୍ଯ୍ୟ କରାଯିବ ତାହାର ବିକାଶ ବୃତ୍ତାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ତାହାକୁ ରୋବୋଟ୍ ପେଟରେ ପ୍ରତ୍ୟାରୋପଣ କରାଯିବ । ଯାହାଫଳରେ ଜଣେ ମଣିଷ ଏବଂ ରୋବୋଟ ପରସ୍ପର ସହିତ ସମ୍ବନ୍ଧ ରଖିବେ ଏବଂ ରୋବୋଟ୍ ଗର୍ଭଧାରଣ କରିପାରିବ । ଏହା ପରେ ଭ୍ରୁଣ ଗର୍ଭାଶୟରେ ବିକଶିତ ହେବ । ଏହି ରୋବୋଟର ପ୍ରୋଟୋଟାଇପ ନିର୍ମାଣ ପାଇଁ ପ୍ରାୟ ୧୧ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ ହେବ । ତେବେ ଏଭଳି ପ୍ରକ୍ରିୟାକୁ ନେଇ ସାମାଜିକ ଏବଂ ନୈତିକ ପ୍ରଶ୍ନ ଉଠିଛି ।

ସମ୍ବଲପୁରରେ ହେବ...

ଶ୍ରୀ ସିଂହଦେଓ କହିଛନ୍ତି। କୃଷି ଓ ଆନୁଷଙ୍ଗିକ ବୃତ୍ତିକୁ ଲାଭଜନକ ଉଦ୍ୟୋଗରେ ପରିଣତ କରି ଲୋକଙ୍କ ପାଇଁ ଖାଦ୍ୟ ଓ ପୁଷ୍ଟିକର ସୁରକ୍ଷା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏହି ନିଷ୍ପତ୍ତି ଲାଭଦାୟକ ସାବ୍ୟସ୍ତ ହେବ। ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ପ୍ରମୁଖ ଶାସନ ସଚିବ ଡ.ଅରବିନ୍ଦ କୁମାର ପାଢ଼ୀ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ଡ଼ ପ୍ରଭାତ କୁମାର ରାଉଳ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରସ୍ତାବ ଉପରେ ବହୁ ଗୁରୁତ୍ୱପୂର୍ଣ୍ଣ ମତାମତ ଦେଇଥିଲେ।

ଆଦଶ ସମର୍ପଣ ଭାବ ଏବଂ ସତକତା ପାଇ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ସାତ ଜଣ ରେଳ କମଚାରୀ ସମ୍ମାନତ

ଭୁବନେଶ୍ୱର/ଖୋର୍ଦ୍ଧା , ୧୮/ ୮ ନ୍ୟୁଜ ବ୍ୟୁରୋ

କର୍ତ୍ତବ୍ୟ ପ୍ରତି ରେଳ କର୍ମଚାରୀ ମାନଙ୍କ ଉଲ୍ଲେଖନୀୟ ସମର୍ପଣ ଏବଂ ସତର୍କତାକୁ ସ୍ୱୀକୃତି ଦେଇ ପୂର୍ବ ତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ସାତ ଜଣ ରେଳ କର୍ମଚାରୀଙ୍କୁ ଆଜି ନିରାପଦ ଏବଂ ଦକ୍ଷ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବାରେ ସେମାନଙ୍କ ଅସାଧାରଣ ପ୍ରଦର୍ଶନ ପାଇଁ ସମ୍ମାନିତ କରାଯାଇଅଛି । ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ / ଭିତ୍ତିଭୂମି ଶ୍ରୀ ସୁଭ୍ରଜ୍ୟୋତି ମଣ୍ଡଳ ଏବଂ ଅନ୍ୟାନ୍ୟ ବରିଷ୍ଠ ଶାଖା ଅଧିକାରୀଙ୍କ ଉପସ୍ଥିତିରେ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ (ପରିଚାଳନା) ଶ୍ରୀ ପି. କେ. ବେହେରା କର୍ମଚାରୀ ମାନଙ୍କୁ ପୁରସ୍କୃତ କରିଛନ୍ତି । ନିଷ୍ପାପର ରେଳ କର୍ମଚାରୀମାନଙ୍କ ମଧ୍ୟରେ ହୁମ୍ମା ଷ୍ଟେସନରେ କାର୍ଯ୍ୟରତ ଟ୍ରେନ ପଏଣ୍ଟସମ୍ୟାନ୍ ପ୍ରଦ୍ୟୁମ୍ନ କୁମାର ପଣ୍ଡା, କାଇପଦରରେ କାର୍ଯ୍ୟରତ ଟ୍ରେନ ପଏଣ୍ଟସମ୍ୟାନ୍ ଶ୍ରୀ ଧୂଳିରାମ ଜେନା, ଖୋର୍ଦ୍ଧା ରୋଡ଼ ମେମୁ କାର ସେଡ୍ ରେ କାର୍ଯ୍ୟରତ ସିନିୟର ଟେକ୍ନିସିଆନ୍ ଶ୍ରୀ ଅଜୟ କୁମାର ଜେନା, ଖୋର୍ଦ୍ଧା ରୋଡ଼ ଷ୍ଟେସନରେ କାର୍ଯ୍ୟରତ ସିନିୟର ଆସିଷ୍ଟାଣ୍ଟ ଲୋକୋ ପାଇଲଟ୍ ଶ୍ରୀ ପ୍ରକାଶ ଚନ୍ଦ୍ର ଦଳବେହେରା, ଜୋରଦା ରୋଡ୍‌ରେ କାର୍ଯ୍ୟରତ କି-ମ୍ୟାନ ବିଜୟ କୁମାର ବେହେରା, କେନ୍ଦୁଆପଦାରେ ଟ୍ରାକ୍ ମେଣ୍ଟେନାର-ଆଇଭି ଭାବେ କାର୍ଯ୍ୟରତ ଶ୍ରୀ ଷାଲିନ୍ ଦାସ ଓ ଟ୍ରାକ୍ ମେଣ୍ଟେନାର-ଆଇଆଇଆଇ ଶ୍ରୀ ମିହିର କୁମାର ରାଉତଙ୍କୁ ସେମାନଙ୍କର ତତ୍ତ୍ୱାବଧାନରେ ଟ୍ରେନଗୁଡ଼ିକର ସୁଗମ ଏବଂ ସୁରକ୍ଷିତ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସେମାନଙ୍କର ତ୍ୱରିତ ଚିନ୍ତାଧାରା ଏବଂ ସକ୍ରିୟ କାର୍ଯ୍ୟ ପାଇଁ ପ୍ରଶଂସା କରାଯାଇଥିଲା । ଏହି କର୍ମଚାରୀମାନଙ୍କୁ ନିୟମିତ କର୍ତ୍ତବ୍ୟ ସମୟରେ ସେମାନଙ୍କର ତ୍ୱରିତ ଏବଂ ସକ୍ରିୟ କାର୍ଯ୍ୟ ପାଇଁ ପ୍ରଶଂସା କରାଯାଇଥିଲା, ଯାହା ନିରନ୍ତର ଟ୍ରେନ

ଚଳାଚଳ ଏବଂ ଉଚ୍ଚ ସୁରକ୍ଷା ମାନଦଣ୍ଡ ବଜାୟ ରଖିବାରେ ଗୁରୁତ୍ୱପୂର୍ଣ

ଶ୍ରୀକ୍ଷେତ୍ର ସମୟ
ଭୁବନେଶ୍ୱର
୧୯ ଅଗଷ୍ଟ, ମଙ୍ଗଳବାର,୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27

ରତ୍ନ ସିଂହାସନରେ ବଣଭୋଜି ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ, ୧୮/୮ ନ୍ୟୁଜ ବ୍ୟୁରୋ

ଭାଦ୍ରବ ମାସ କୃଷ୍ଣ ପକ୍ଷ ଦଶମୀ ତିଥିରେ ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ବଣଭୋଜି ବେଶ ଅନୁଷ୍ଠିତ ହୋଇଛି । ହାତରେ ବାଡ଼ି ଆଉ ଶିକାରେ ଲହୁଣୀ ଧରି ବେଶ ହୋଇଥିଲେ କଳା ଗୋରା ଦୁଇ ଠାକୁର। ଗଜପତି ପ୍ରତାପରୁଦ୍ର ଦେବଙ୍କ ସମୟରେ ରାୟ। ରାମାନନ୍ଦ ଓ ଶ୍ରୀ ଚୈତନ୍ୟଙ୍କ ସମୟରୁ ଏହି ବେଶ ଏବଂ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପ୍ରଚଳିତ ହୋଇ ଆସୁଥିବା ବିଶ୍ୱାସ କରାଯାଉଛି । ସୋମବାର ମଧ୍ୟାହ୍ନ ଧୂପ ପରେ ବଣଭୋଜି ବେଶ ସଜ ପାଇଁ ଶ୍ରୀମନ୍ଦିରରେ ବଡ଼ଠାକୁର ଏବଂ ଶ୍ରୀଜଗନ୍ନାଥଙ୍କୁ ଦୁଇଟି ଅଙ୍କାମାଳ ଲାଗି ହୋଇଥିଲା। ମଧ୍ୟାହ୍ନ ଧୂପ ବଢ଼ିବା ପରେ ବଡ଼ଠାକୁର ଏବଂ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳକୁ ଦକ୍ଷିଣ ଘରକୁ ବିଜେ କରାଯାଇଥିଲା । ସଂଧ୍ୟା ସୁଦ୍ଧା ଏହି ଧୂପ ସରି ଦକ୍ଷିଣ ଘରେ ରାମ ଓ କୃଷ୍ଣଙ୍କୁ ଏହି ଦୁଇଟି ଆଜ୍ଞାମାଳ ଲାଗି ହୋଇଥିଲା ।

ରାମକୃଷ୍ଣ ଏହି ଆଜ୍ଞାମାଳ ପାଇବା ପରେ ବଟଦ୍ୱାର ପାଖରେ ଥିବା ପାଲିଙ୍କିରେ ଅଧିଷ୍ଠିତ ହୋଇଥିବା ବେଳେ ଏହି ପାଲିଙ୍କି ବିଜେ ଠାକୁରଙ୍କୁ ବିମାନ ବଡୁ ସେବକମାନେ ଘଣ୍ଟଛତା, କାହାଳୀ ସହ ପଟୁଆରରେ ନେଇ ଶ୍ରୀମନ୍ଦିର ସିଂହଦ୍ୱାର ପାର୍ଶ୍ୱ ବଡ଼ଛତା ମଠ ସମ୍ମୁଖରେ ସଜା ଯାଇଥିବା କାଠ ସିଂହାସନରେ ବିଜେ କରାଇଥିଲେ । ଏହିଠାରେ ଶ୍ରୀଜୀଉଙ୍କ କୋଳିବିକା ନୀତି ହୋଇଥିଲା। କୋଳିବିକା ନୀତି ସରିବା ପରେ ପୁଷ୍ପାଳକ ସେବକମାନେ ଶ୍ରୀଜୀଉମାନଙ୍କୁ ବଣଭୋଜି ବେଶରେ ଭୂଷିତ କରିଥିଲେ। ଏହି ବେଶରେ ବିଭିନ୍ନ ସ୍ୱର୍ଣ୍ଣ ଅଳଙ୍କାର ଲାଗି ହୋଇଥିଲା । ଶ୍ରୀବିଗ୍ରହଙ୍କୁ ସୋଲ, ବେତ, କନା, ଜରିରେ ନିର୍ମିତ ସ୍ୱର୍ଣ୍ଣ କିଆ ଶ୍ରୀମସ୍ତକ ଚୂଳରେ ଖୋସା ଯାଇଥିଲା। ଏହି ବେଶରେ ରତ୍ନସିଂହାସନ ଉପରେ ଦୁଇଟି ଲେଖାଏଁ ଗାଈ ବାଛୁରୀ (କାଷ୍ଠ ନିର୍ମିତ) ଦଣ୍ଡାୟମାନ ରହିଥିବା ବେଳେ ଏହି ବେଶ ପୁଷ୍ପାଳକ, ଭଣ୍ଡାର ମେକାପ ଓ ଖୁଣ୍ଟିଆ ଆଦି ସେବକଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା । ବଡ଼ ଠାକୁର ବଳଭଦ୍ର ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀହସ୍ତର ଗୋଟିଏ ପାଖରେ ଚାରି ଫୁଟ ଲମ୍ବାର କନା ଓ ଜରିରେ ନିର୍ମିତ ଶିକା ତଳ ଭାଗରେ ଥିବା ରୂପା ପିଙ୍ଗଣରେ 'ସର ଏବଂ ଅନ୍ୟ ହସ୍ତରେ ଏକ ବାଡ଼ି ଧରିଥିଲେ। ଶ୍ରୀମନ୍ଦିର ମହାଭୋଇ (ଗଉଡ଼) ସେବକମାନେ ପରମ୍ପରା ମୁତାବକ ଏହି ସର ଯୋଗାଇଥିଲେ। ବେଶରେ ଠାକୁରମାନେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଖୁଆପେଡାର ମାଳି ଧାରଣ କରିବା ଶ୍ରୀମନ୍ଦିରର ଏକ ନିଆରା ପରମ୍ପରା ରହିଥିଲା। ପାଟ ଯୋଶୀ ମହାପାତ୍ର ଘରୁ ଏହି ଖୁଆ ପେଡା ଯୋଗାଇ ଦିଆଯାଇଥିଲା। ପୁରାଣ ଏବଂ ପରମ୍ପରା ମୁତାବକ ଶ୍ରୀକୃଷ୍ଣ ବଳରାମଙ୍କ ବାଲ୍ୟଲୀଳାରେ ଗାଈ ବାଛୁରୀ ନେଇ ବଣଭୋଜିକୁ ଯିବା ଘଟଣା ଆଧାରରେ ଶ୍ରୀମନ୍ଦିରରେ ଏହି ବଣଭୋଜି ବେଶ ପାଳନ ହେଉଥିବାର ଲୋକ ବିଶ୍ୱାସ ରହିଛି ।

ମହାପ୍ରଭୁଙ୍କୁ ଲାଗିହେବ ଜୈବିକ ଚାଉଳରୁ ପ୍ରସ୍ତୁତ ଅନ୍ନ

୫ ବର୍ଷିଆ ଯୋଜନା ପ୍ରସ୍ତୁତ କରିଛନ୍ତି ସରକାର

ଭୁବନେଶ୍ୱର, ୧୮/୮ ନ୍ୟୁଜ ବ୍ୟୁରୋ

ମହାପ୍ରଭୁଙ୍କୁ ଭୋଗ ଲାଗିବ ଜୈବିକ ଚାଉଳରୁ ପ୍ରସ୍ତୁତ ଅନ୍ନ। ଅମୃତ ଅନ୍ନ କାର୍ଯ୍ୟକ୍ରମ ପାଇଁ ଆରମ୍ଭ ହେବାକୁ ଯାଉଛି ବଳଭଦ୍ର ଜୈବିକ ଚାଷ ମିଶନ । ୧୧୩ କୋଟି ବ୍ୟୟ ବରାଦରେ ରାଜ୍ୟ ସରକାରଙ୍କ ଦୂରଦର୍ଶୀ ପ୍ଲାନ୍ ପ୍ରସ୍ତୁତ ହେଉଛି। ଚାଷୀଙ୍କୁ ମିଳିବ ଉତ୍ପାଦନ ଓ କ୍ଷତି ଭରଣା ପାଇଁ ଆର୍ଥିକ ପ୍ରୋତ୍ସାହନ । ଯୋଜନାର ମୂଳ ଲକ୍ଷ୍ୟ ହେଉଛି ଶ୍ରୀଜଗନ୍ନାଥ ମନ୍ଦିର ରୋଷଘରେ ଜୈବିକ ପଦ୍ଧତିରେ ଚାଷ ହୋଇଥିବା ପାରମ୍ପରିକ ଚାଉଳର ବ୍ୟବହାର କରାଯିବ । ଏନେଇ ୫ ବର୍ଷିଆ ବିସ୍ତୃତ ଯୋଜନା ପ୍ରସ୍ତୁତ କରିଛନ୍ତି ରାଜ୍ୟ ସରକାର ।

କୋଠ ଭୋଗ ପାଇଁ ପ୍ରତ୍ୟେକ ଦିନ ୨



କ୍ୱିଣ୍ଟାଲ ଚାଉଳ ଆବଶ୍ୟକ ହେଉଥିବା ବେଳେ ବରାଦୀ ଓ ବିକ୍ରି ଅବଢ଼ା ପାଇଁ ୨ଶହରୁ ୨ ଶହ ୨୦ କୁଇଣ୍ଟାଲ୍ ଚାଉଳ ଆବଶ୍ୟକ ହେଉଛି। ଏଥିପାଇଁ ୧୫ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଚାଷ ଜମି ଆବଶ୍ୟକ ପଡୁଛି । ଏନେଇ କୃଷି ସଚିବ ଓ ଶ୍ରୀମନ୍ଦିର ସୁଆର ବିଭିନ୍ନ ଅଞ୍ଚଳକୁ ଯାଇ ଚାଷ ଜମି ବୁଲି ଦେଖିଛନ୍ତି।

କୋରାପୁଟର ଜୈବିକ ଚାଉଳର ଭୂରି ଭୂରି ପ୍ରଶଂସା କରିଥିଲେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ । ଏହା ବିଶ୍ୱରେ ଆଦୃତି ରହିଛି । ତେବେ ଜୈବିକ ଚାଉଳ ସବୁ ଜାଗାରେ ହେବା ଦ୍ୱାରା ଏହାର ଆଦୃତି ସମାଜରେ ଆହୁରି ବଢିବ ବୋଲି ସେ କହିଛନ୍ତି ।

ଶିକ୍ଷା ଓ ସଂସ୍କାର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ: ଅଚ୍ୟୁତ ସାମନ୍ତ

ଭୁବନେଶ୍ୱର, ୧୮/୮ ନ୍ୟୁଜ ବ୍ୟୁରୋ

କିଟ୍‌ରେ ୫ ଦିନିଆ ଭାବ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଭୁଟାନ ସରକାର କିଟ୍‌କୁ ପଠାଇଥିବା ୩୧ ଜଣିଆ ବୌଦ୍ଧ ଶିକ୍ଷକ ପ୍ରତିନିଧିମଣ୍ଡଳ ସୋମବାର ସକାଳେ କିଟ୍ ଓ କିସ୍ ପରିଦର୍ଶନ କରିଥିଲେ। ପରେ ସେମାନେ ଏକ ଆଧ୍ୟାତ୍ମିକ ଶିକ୍ଷଣ ଅଧିବେଶନରେ ଯୋଗ ଦେଇଥିଲେ। ଏହି ଅଧିବେଶନରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସେମାନଙ୍କୁ ଶିକ୍ଷା ଓ ସଂସ୍କାର, କର୍ମ ଓ ପ୍ରାରବ୍ଧ ଏବଂ ଆର୍ଟ ଅଫ୍ ଗିଭିଂ ଭଳି ୩ଟି ବିଷୟରେ ବୁଝାଇଥିଲେ। ଡ. ସାମନ୍ତ କହିଲେ ବର୍ତ୍ତମାନ ସମୟରେ ଶିକ୍ଷା ସହ ସଂସ୍କାର ଏକାନ୍ତ ଅପରିହାର୍ଯ୍ୟ। ବର୍ତ୍ତମାନ ସମୟରେ ଜଣେ କେବଳ ଉଚ୍ଚ ଶିକ୍ଷା ପାଇଗଲେ ସେ ସଫଳ ମଣିଷ ହୋଇପାରିବ ନାହିଁ। ଜଣେ ସଫଳ ମଣିଷ ହେବାକୁ ହେଲେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ ସଂସ୍କାର ଜ୍ଞାନ ହାସଲ କରିବାକୁ ହେବ। ମଣିଷ ଯାହା କରେ ତା'ର ଫଳ

ଅବଶ୍ୟ ତାକୁ ପ୍ରାପ୍ତ ହୋଇଥାଏ। ଗୀତା, ରାମାୟଣ ଓ ମହାଭାରତ ଆଖ୍ୟାନ ଜରିଆରେ ଡ.ସାମନ୍ତ ବୁଝାଇ କହିଲେ ଯେ, ଅନ୍ୟକୁ ଦୁଃଖ ଦେଇ ନିଜେ ସୁଖ ପାଇବା କ୍ଷଣିକ, ମାତ୍ର ଏହାର ପରିଣାମ ପରବର୍ତ୍ତୀ ସମୟରେ ନିଶ୍ଚିତ ଭାବେ ପ୍ରାପ୍ତ ହୋଇଥାଏ। ଡ. ସାମନ୍ତ କହିଲେ ଆର୍ଟ ଅଫ୍ ଗିଭିଂ ହେଉଛି ଏକ ଜୀବନ ଦର୍ଶନ, ଯାହା ଦେବାରେ ଆନନ୍ଦ ଥାଏ। ତେଣୁ କୌଣସି ଉପାୟରେ ଅନ୍ୟକୁ ସାହାଯ୍ୟ କରିପାରିଲେ ଜୀବନ ସୁଖମୟ ହୋଇଥାଏ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଭୁଟାନର ବିଭିନ୍ନ ବିଦ୍ୟାଳୟରୁ ୩୦ ଜଣ ବୌଦ୍ଧ ଶିକ୍ଷକ, ଶିକ୍ଷା ଏବଂ ଦକ୍ଷତା ବିକାଶ ମନ୍ତ୍ରଣାଳୟର ଜଣେ ସଂଯୋଜକଙ୍କୁ ନେଇ ଗଠିତ ପ୍ରତିନିଧିମଣ୍ଡଳକୁ ଭାବ ବିନିମୟ କାର୍ଯ୍ୟକ୍ରମ ପାଇଁ ଭୁଟାନ ସରକାର କିଟ୍‌କୁ ପଠାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ଆଧ୍ୟାତ୍ମିକତା, ଆର୍ଟ ଅଫ୍ ଗିଭିଂ, କରୁଣା ଏବଂ ମୂଲ୍ୟ-ଭିତ୍ତିକ ଶିକ୍ଷା ବିଷୟରେ ଜାଣିବା ସହ ଶିକ୍ଷାରେ ସଚେତନତା, କିଶୋର ଭାବପ୍ରବଣତା, ସାମାଜିକ ବିକାଶ, ବ୍ୟକ୍ତିଗତ ଏବଂ ସାମୂହିକ କଲ୍ୟାଣ ପାଇଁ ସାମଗ୍ରିକ ଦୃଷ୍ଟିକୋଣ ଭଳି ବିଷୟବସ୍ତୁ ଉପରେ ଜ୍ଞାନ ଆହରଣ କରିବେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବୌଦ୍ଧ ଶିକ୍ଷକମାନେ ପାରମ୍ପରିକ ଜ୍ଞାନକୁ ସମସାମୟିକ ଶିକ୍ଷାଗତ ଅଭ୍ୟାସ ସହିତ ମିଶ୍ରଣ କରିବା ଦିଗରେ ସେମାନଙ୍କର ଦକ୍ଷତାକୁ ମଜବୁତ କରିବେ। ଏହା ସହ ଭୁଟାନର ଭବିଷ୍ୟତ ପିଢ଼ି ପାଇଁ ମୂଲ୍ୟ-ଭିତ୍ତିକ, କରୁଣାପୂର୍ଣ୍ଣ ଏବଂ ସାମଗ୍ରିକ ଶିକ୍ଷା ପରିବେଶକୁ ପରିପୁଷ୍ଟ କରିବା ପାଇଁ ଏହି ଶିକ୍ଷକମାନେ ପ୍ରତିବଦ୍ଧ ହେବେ ବୋଲି ସେମାନେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ଭୁଟାନ କିଟ୍ ଓ କିସ୍‌କୁ ସେମାନଙ୍କର ଅଂଶୀଦାର ଭାବରେ ଗ୍ରହଣ କରିଛି। ଏହା ମୂଲ୍ୟ-ଭିତ୍ତିକ ଶିକ୍ଷା, ମାନବିକ ସେବା, ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଜ୍ଞାନ ସହିତ ଆଧୁନିକ ଶିକ୍ଷାବିଜ୍ଞାନକୁ ମିଶ୍ରଣ କରିବା ଦିଗରେ ଏକ ପ୍ରୟାସ। କିଟ୍ ରେ ସେମାନଙ୍କୁ ଏଭଳି ଆଧ୍ୟାତ୍ମିକ ଜ୍ଞାନ ଆହରଣ ସହ ଡ. ଅଚ୍ୟୁତ ସାମନ୍ତଙ୍କ ସହ ଭାବ ବିନିମୟ କରି ବେଶ୍ ସନ୍ତୋଷ ବ୍ୟକ୍ତ କରିଥିଲେ।

ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ ସୁପ୍ରିମକୋର୍ଟଙ୍କ ସମୟସୀମା ଆଦେଶ

ସାମ୍ବିଧାନିକ ବିଶୃଙ୍ଖଳା ନେଇ କେନ୍ଦ୍ରର ଚେତାବନୀ

ନୂଆଦିଲ୍ଲୀ, ୧୮/୮

ଦେଶର ସର୍ବୋଚ୍ଚ ନ୍ୟାୟାଳୟର ଏକ ଆଦେଶକୁ ନେଇ ଏବେ ସିଧାସଳଖ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଚେତାବନୀ ଦେଇଛନ୍ତି । ରାଜ୍ୟଗୁଡିକର ବିଧାନସଭା ଓ କେନ୍ଦ୍ରର ଲୋକସଭା ଓ ରାଜ୍ୟସଭାରେ ବିଲ୍ ମଞ୍ଜୁର ପାଇଁ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ ସୁପ୍ରିମକୋର୍ଟ କିଛିଦିନ ତଳେ ଏକ ସମୟସୀମା ଧାର୍ଯ୍ୟ କରିଥିଲେ। ଏଭଳି ନକରିବାକୁ କେନ୍ଦ୍ର ସରକାର ଚେତାବନୀ ଦେଇଛନ୍ତି । ସୂଚନା ଥାଉ କି, ସୁପ୍ରିମକୋର୍ଟଙ୍କ ପୂର୍ବ ଆଦେଶ ଠାରୁ ଭିନ୍ନ ବିଚାରପତି ଜେବି ପାଦିଲା ଓ ବିଚାରପତି ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପ୍ରିଲ ମାସରେ ବିଧାନସଭାରେ ପାରିତ ହୋଇଥିବା ବିଲ୍ ଉପରେ ନିଷ୍ପତ୍ତି ନେବା ଲାଗି ରାଷ୍ଟ୍ରପତିଙ୍କ ପାଇଁ ୩ମାସ ଓ ରାଜ୍ୟପାଳଙ୍କ ପାଇଁ ୧ମାସର ସମୟସୀମା ଧାର୍ଯ୍ୟ କରିଛନ୍ତି । ଏଭଳି ନିଷ୍ପତ୍ତି ସାମ୍ବିଧାନିକ ବିଶୃଙ୍ଖଳା ସୃଷ୍ଟି କରିବ ବୋଲି କେନ୍ଦ୍ର ସରକାର ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ସଲିସିଟର ଜେନେରାଲ ତୁଷାର ମେହେଟା ତାଙ୍କ ଯୁକ୍ତିରେ କହିଛନ୍ତି, ଧାରା ୧୪୨ରେ ନ୍ୟସ୍ତ ଅସାଧାରଣ କ୍ଷମତା ଅଧୀନରେ ମଧ୍ୟ ସୁପ୍ରିମ୍‌କୋର୍ଟ ସମ୍ବିଧାନ ସଂଶୋଧନ

କରିପାରିବେ ନାହିଁ କିମ୍ବା ସମ୍ବିଧାନ ନିର୍ମାତାଙ୍କ ଉଦ୍ଦେଶ୍ୟକୁ କ୍ଷୁର୍ଣ୍ଣ କରିପାରିବେ ନାହିଁ। ଯଦିଓ ବିଲ୍ ଅନୁମୋଦନ ପ୍ରକ୍ରିୟା କାର୍ଯ୍ୟକାରୀ କରିବାରେ କିଛି ସୀମିତ ସମସ୍ୟା ଥାଇପାରେ କିନ୍ତୁ ଏହା ରାଜ୍ୟପାଳଙ୍କ ଉଚ୍ଚ ପଦବୀକୁ ଅଧସ୍ତନ ପଦରେ ପରିଣତ କରିବାକୁ ଯୁକ୍ତିଯୁକ୍ତ କରିପାରିବ ନାହିଁ ବୋଲି ଶ୍ରୀ ମେହେଟା କହିଛନ୍ତି। କୌଣସି ତ୍ରୁଟିର ସମାଧାନ ଅଯଥା ନ୍ୟାୟିକ ହସ୍ତକ୍ଷେପ ମାଧ୍ୟମରେ ନୁହେଁ, ରାଜନୈତିକ ଓ ସାମ୍ବିଧାନିକ ବ୍ୟବସ୍ଥା ମାଧ୍ୟମରେ କରାଯିବା ଉଚିତ ବୋଲି ସେ କହିଛନ୍ତି। ସମ୍ବିଧାନର ଧାରା ୨୦୦ ଅନୁଯାୟୀ ରାଜ୍ୟପାଳ ବିଧାନସଭା ଦ୍ୱାରା ଉପସ୍ଥାପିତ ବିଲ୍‌ଗୁଡ଼ିକୁ ଅନୁମୋଦନ ଦେଇପାରିବେ, ରାଷ୍ଟ୍ରପତିଙ୍କ ବିଚାର ପାଇଁ ଏହାକୁ ଅଟକାଇ ପାରିବେ କିମ୍ବା ସଂରକ୍ଷିତ ରଖିପାରିବେ। ସେ ଏହାକୁ ପୁନର୍ବିଚାର ପାଇଁ ଗୃହକୁ ପଠାଇପାରିବେ, କିନ୍ତୁ ଯଦି ପୁନର୍ବାର ପାରିତ ହୁଏ, ତେବେ ରାଜ୍ୟପାଳ ଅନୁମୋଦନକୁ ଅଟକାଇପାରିବେ ନାହିଁ। କିନ୍ତୁ ଯଦି ରାଜ୍ୟପାଳ ଏହି ବିଲ୍‌ରେ ସମ୍ବିଧାନ, ଡାଇରେକ୍ଟିଭ୍ ପ୍ରିନ୍ସିପଲ ଅଫ୍ ଷ୍ଟେଟ୍ ପଲିସି କିମ୍ବା ଜାତୀୟ ଗୁରୁତ୍ୱ ଦୃଷ୍ଟିରୁ କିଛି ଅସାମଞ୍ଜସ୍ୟ ଅନୁଭବ କରନ୍ତି ତେବେ ଏହାକୁ ରାଷ୍ଟ୍ରପତିଙ୍କ ବିଚାର ପାଇଁ ସଂରକ୍ଷିତ ରଖିବାକୁ ବାଛିପାରିବେ। ତାମିଲନାଡୁ ସହ ଜଡିତ ଏକ ମାମଲାରେ ଏପ୍ରିଲ ୧୨ରେ ସୁପ୍ରିମ୍‌କୋର୍ଟ ତାଙ୍କ ଆଦେଶରେ ଏହି ପ୍ରକ୍ରିୟାକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ ଏବଂ ବିଚାରାଧୀନ ବିଲ୍‌ଗୁଡ଼ିକୁ ପାରିତ କରିବା ପାଇଁ ସାମ୍ବିଧାନିକ ମୁଖ୍ୟମାନେ ଏକ ସମୟସୀମା ଅନୁସରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏଭଳି ସମୟସୀମାର ସାମ୍ବିଧାନିକତାକୁ ନେଇ ସୁପ୍ରିମ୍‌କୋର୍ଟଙ୍କୁ ପ୍ରଶ୍ନ ପଚାରିବା ପରେ ଏହି ରାୟକୁ ଏକ ଝଟକା ଲାଗିଛି। ଖଣ୍ଡପୀଠ ଅଗଷ୍ଟ ୧୯ରୁ ଏହି ମାମଲାର ଶୁଣାଣି ଆରମ୍ଭ କରିବେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଲେ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା

ନୂଆଦିଲ୍ଲୀ, ୧୮/୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଲେ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା। ସୋମବାର ଦିନ ଦିଲ୍ଲୀର ଲୋକ କଲ୍ୟାଣ ମାର୍ଗରେ ଥିବା ବାସଭବନରେ ସେ ତାଙ୍କୁ ଭେଟିଛନ୍ତି। ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ହେଉଛନ୍ତି ଆକ୍ସିଅମ୍-୪ ମହାକାଶ ମିଶନର ପାଇଲଟ୍ । ମୋଦୀ ଇସ୍ରୋ ମହାକାଶଚାରୀଙ୍କ ଜ୍ୟାକେଟ୍ ପିନ୍ଧିଥିବା ଶୁକ୍ଲାଙ୍କୁ ଏକ ଉଷ୍ମ ଆଲିଙ୍ଗନ ସହିତ ସ୍ୱାଗତ କରିଥିଲେ ଏବଂ ତାଙ୍କ କାନ୍ଧରେ ତାଙ୍କ ହାତ ରଖି ତାଙ୍କ ସହିତ ଚାଲିଥିଲେ। ବୈଠକ ସମୟରେ ଶୁକ୍ଲା ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆକ୍ସିଅମ୍-୪ ମିଶନ ପ୍ୟାଚ୍ ପ୍ରଦାନ କରିଥିଲେ ଏବଂ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରୁ ଉଠାଯାଇଥିବା ପୃଥିବୀର ଫଟୋ ସେୟାର କରିଥିଲେ। ଏନେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି 'ଏକ୍ସ'ରେ ଲେଖିଛନ୍ତି ଯେ,'ଶୁଭାଂଶୁ ଶୁକ୍ଲାଙ୍କ ସହ ଏକ ଭଲ ଆଲୋଚନା ହୋଇଥିଲା। ଆମେ ମହାକାଶରେ ତାଙ୍କର

ଅଭିଜ୍ଞତା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ପ୍ରଗତି ଏବଂ ଭାରତର ମହତ୍ୱାକାଂକ୍ଷୀ ଗଗନଯାନ ମିଶନ ସମେତ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲୁ। ଭାରତ ତାଙ୍କ ସଫଳତା ପାଇଁ ଗର୍ବିତ। ଆକ୍ସିଅମ୍-୪ ମିଶନର ଅଂଶ ଭାବରେ ମହାକାଶ ଉଡ଼ାଣ କରିଥିବା ଦ୍ୱିତୀୟ ଭାରତୀୟ ଶୁକ୍ଲା ରବିବାର ସକାଳୁ ଦିଲ୍ଲୀ ବିମାନବନ୍ଦରରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଏବଂ ପୃଥିବୀ ବିଜ୍ଞାନ ମନ୍ତ୍ରୀ ଜିତେନ୍ଦ୍ର ସିଂହ ଏବଂ ଇସ୍ରୋ ଅଧ୍ୟକ୍ଷ ଡକ୍ଟର ଭି ନାରାୟଣନଙ୍କ ସମେତ ଅନ୍ୟମାନଙ୍କ ଦ୍ୱାରା ଶୁକ୍ଲାଙ୍କୁ ସ୍ୱାଗତ କରାଯାଇଥିଲା।

ଏନଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ସମର୍ଥନ କରିବା ପାଇଁ

ବିଜେଡି ସଭାପତିଙ୍କ ସହ କଥା ହେଲେ ପ୍ରତିରକ୍ଷା ମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୮/୮ ନ୍ୟୁଜ ବ୍ୟୁରୋ

ଉପ ରାଷ୍ଟ୍ରପତି ନିର୍ବାଚନ ପାଇଁ ଏନଡିଏ ପ୍ରାର୍ଥୀ ସି.ପି. ରାଧାକୃଷ୍ଣନ୍‌ଙ୍କୁ ସମର୍ଥନ କରିବାକୁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସହ କଥା ହୋଇଛନ୍ତି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ସେ ନବୀନଙ୍କର ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଏନଡିଏ ପ୍ରାର୍ଥୀ ସି.ପି.ରାଧାକୃଷ୍ଣନ୍‌ଙ୍କୁ ସମର୍ଥନ ଦେବାକୁ ଅନୁରୋଧ କରିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ମହାରାଷ୍ଟ୍ର ରାଜ୍ୟପାଳ ତଥା ବିଜେପି ନେତା ସିପି ରାଧାକୃଷ୍ଣନଙ୍କୁ ଉପରାଷ୍ଟ୍ରପତି ପଦ ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପ୍ରାର୍ଥୀ ଭାବେ ଘୋଷଣା କରିଛି। ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରାର୍ଥୀ ଚୂଡ଼ାନ୍ତ କରିବା ନିମନ୍ତେ ବିଜେପି ସଂସଦୀୟ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ରାଧାକୃଷ୍ଣନଙ୍କ ନାମ ଘୋଷଣା କରିଥିଲେ। ଏହି ବୈଠକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ସଂସଦୀୟ ବୋର୍ଡ ବୈଠକରେ ବିଜେପି ଅଧ୍ୟକ୍ଷ ନଡ୍ଡା ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଦଳର ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ।

ଭୁବନେଶ୍ୱର : ଜୟଦେବ ଭବନରେ ସୃଜନୀ ଅନୁଷ୍ଠାନର ୩୯ତମ ବାର୍ଷିକ ଉତ୍ସବର ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅଛନ୍ତି ବିଜେଡିର ପୂର୍ବତନ ବିଧାୟକ ଭୁପିନ୍ଦର ସିଂ, ସୃଜନୀର ସଭାପତି ଶରତ ରାଉତ, ବିଶିଷ୍ଟ କଣ୍ଠଶିଳ୍ପୀ ଲକ୍ଷ୍ମୀକାନ୍ତ ପାଲିତ, ସୃଜନୀର ସମ୍ପାଦକ ଚିତ୍ତରଞ୍ଜନ ରାୟମହାପାତ୍ର ଓ ଅନ୍ୟମାନେ। (ଫଟୋ : ସମ୍